# ୩ମାସ ହେଲା ଦରମା ପାଇନାହାନ୍ତି ଏଲ୍‌ଟିଆର ନିୟମିତ ଶିକ୍ଷକ

## ଜିଲ୍ଲା ଶିକ୍ଷା ପ୍ରଶାସନର ଅବହେଳାକୁ ଦାୟୀ କଲେ

**ବ୍ରହ୍ମପୁର,୧୭।୨(ସମିସ):** ନୂତନ ସରକାର ଆସିବା ପରେ ପ୍ରଶାସନିକ କାର୍ଯ୍ୟ ବିଭିନ୍ନ କ୍ଷେତ୍ରରେ ଧିମା ପଡୁଥିବା ଅଭିଯୋଗ ହେଉଛି। ଏବେ ଖୋଦ ନିୟମିତ ଶିକ୍ଷକଙ୍କ ଦରମା ମିଳିବାରେ ବିଳମ୍ବ ନେଇ ଅଭିଯୋଗ ହୋଇଛି।

ସୂଚନା ପ୍ରକାରେ ଗତ ନଭେମ୍ବର ମାସରେ ଓଡ଼ିଶା ସରକାରଙ୍କଠାରୁ ନିଯୁକ୍ତିପତ୍ର ପାଇ ଗଞ୍ଜାମ ଜିଲ୍ଲା ଶିକ୍ଷା ପ୍ରଶାସନର ନିର୍ଦ୍ଦେଶକ୍ରମେ ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟମାନଙ୍କରେ ଏଲ୍‌ଟିଆର ଟିଜିଟି ଶିକ୍ଷକମାନେ ନିୟୋଜିତ ହୋଇଥିଲେ। ଏଥିରେ ବିଜ୍ଞାନ, ଗଣିତ ଓ ଶାରିରୀକ ଶିକ୍ଷା ଶିକ୍ଷକମାନେ ସାମିଲ ଅଛନ୍ତି। ତେବେ ନିଯୁକ୍ତିକୁ ୩ମାସ ବିତି ଯାଇଥିଲେ ମଧ୍ୟ ତାଙ୍କ ଦରମା ମିଳିନାହିଁ। ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅବହେଳା କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। କେବଳ ଏତିକି ନୁହେଁ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କିଛି ନିର୍ଦ୍ଦିଷ୍ଟ କିରାଣିଙ୍କ ଦ୍ୱାରା ଏଭଳି ଅବହେଳା କରାଯାଇଥିବା କୁହାଯାଇଛି। ପାଖାପାଖି ୬୦ରୁ ଊର୍ଦ୍ଧ୍ୱ ଏଲ୍‌ଟିଆର ଶିକ୍ଷକଙ୍କ ଦରମା ମିଳିନଥିବା ଜଣାପଡ଼ିଛି। ଫଳରେ ସେମାନେ କହି ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ରାଜ୍ୟ ସରକାର ଓ ଜିଲ୍ଲା ଶିକ୍ଷା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏନେଇ ଆମେ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି ଯେ, ଶିକ୍ଷକମାନଙ୍କ ସମସ୍ତ କାର୍ଯ୍ୟକୁ ସଦା ଅଗ୍ରାଧିକାର ଦିଆଯାଇଛି। ଏହି ଅଭିଯୋଗ ଜାଣିବା ପରେ ଏ ବିଷୟରେ ତର୍ଜମା କରାଯିବ। ନିଯୁକ୍ତ ଶିକ୍ଷକମାନେ ଯଦି "ପ୍ରାନ୍' ଅର୍ନ୍ତଭୂକ୍ତିକରଣରେ ବିଳମ୍ବ କରିଥିବେ ତେବେ ଦରମା ପ୍ରଦାନରେ ବିଳମ୍ବ ହୋଇଥିବା ସେ ଆଶଙ୍କା ପ୍ରକଟ କରିଛନ୍ତି। ତୁରନ୍ତ ସମାଧାନ କରାଯିବାକୁ ସେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି।

# ଆର୍‌ଟିଇର ନାମଲେଖା ପ୍ରକ୍ରିୟା ଅନୁଧ୍ୟାନ କଲେ ଜିଲ୍ଲାପାଳ



**ବ୍ରହ୍ମପୁର,୧୭।୨(ସମିସ):** ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଚାଲିଥିବା ଆର୍‌ଟିଇ "ପାରଦର୍ଶୀ'ର ନାମଲେଖା ପ୍ରକ୍ରିୟାକୁ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଅନୁଧ୍ୟାନ କରିଛନ୍ତି। ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ମହାନଗର ନିଗମରେ ସମୁଦାୟ ୫୦ଟି ଶିକ୍ଷାନୁଷ୍ଠାନରେ ଆରଟିଇରେ ୮୧୨ଟି ସିଟ୍ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୫୭୩ଜଣ ଆବେଦନ କରିଛନ୍ତି। ସେହିପରି ରଙ୍ଗେଇଲୁଣ୍ଡା ବ୍ଲକରେ ୨୨ଟି ବିଦ୍ୟାଳୟରୁ ୨୨୭ ସିଟ୍‌ରୁ ୨୭୨ଜଣ ଓ ଗୋପାଳପୁରର ୩ଟି ଶିକ୍ଷାନୁଷ୍ଠାନରେ ୫୩ଟି ସିଟ୍‌ରେ ୫୩ଜଣ ଆବେଦନ କରିଛନ୍ତି। ଉକ୍ତ ନାମଲେଖା ପ୍ରକ୍ରିୟାକୁ ଜିଲ୍ଲାପାଳଙ୍କ ସମେତ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରାଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି।

# ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗ, ଜଣେ ଗିରଫ

**ଦିଗପହଣ୍ଡି,୧୭।୨(ସମିସ):** ଦିଗପହଣ୍ଡି ଅଞ୍ଚଳର ଏକ କଲେଜରେ ପଢୁଥିବା ଜଣେ ଯୁକ୍ତ-୨ ଛାତ୍ରୀଙ୍କୁ ଅପହରଣ ପରେ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପଦ୍ମ ନାୟକ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ୍‌କୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଜାନୁଆରୀ ୬ ତାରିଖ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ ଟାରେ ଘରେ ମା'ଙ୍କୁ କହି ଛାତ୍ରୀ ଜଣକ କଲେଜ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହେବାପରେ ବାପା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ପୋକ୍‌ସୋ ଆକ୍ଟରେ ମାମଲା ରୁଜୁକରି ଏସ୍‌ଆଇ ରାଜକିଶୋର ପାତ୍ରଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ଅଭିଯୁକ୍ତ ତାଙ୍କ ମୋବାଇଲରୁ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଧମକ ଦେଇଥିଲେ। ଏନେଇ ଅଭିଯୋଗ ପରେ ଉକ୍ତ ଫୋନ୍ ନମ୍ବରକୁ ପୁଲିସ ଟ୍ରାକିଂ କରିଥିଲେ ମଧ୍ୟ ସୁଇଚ୍ ଅଫ୍ ରହିଥିଲା। ସୋମବାର ଅଭିଯୁକ୍ତ ଛାତ୍ରୀଙ୍କୁ ନେଇ ବ୍ରହ୍ମପୁର ଆସି ରେଲୱେ ଷ୍ଟେସନ ଇଲାକାରେ ବୁଲୁଥିବା ଖବର ପାଇ ଦିଗପହଣ୍ଡି ପୁଲିସ ଚଢ଼ଉ କରି ଅଭିଯୁକ୍ତଙ୍କୁ କାବୁ କରିବା ସହ ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ। ପରେ ବ୍ରହ୍ମପୁର ନିମଖଣ୍ଡି ଥାନା ଏସ୍‌ଆଇ ଶକ୍ତିମୟୀ ବେହେରା ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା। କୋର୍ଟରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଅଭିଯୁକ୍ତ ଛାତ୍ରୀଙ୍କୁ ଅପହରଣ କରି ତାମିଲନାଡୁ ନେଇଯାଇଥିଲେ। ଜାନୁଆରୀ ୯ରେ ଅଭିଯୁକ୍ତ ଏକ ଘରଭଡ଼ା ନେଇ ସେଠାରେ ୧୪ ତାରିଖ ଯାଏ ଛାତ୍ରୀଙ୍କୁ ରଖି ବାରମ୍ବାର ବଳାତ୍କାର କରିଥିଲେ। ପରେ ତାଙ୍କୁ ଆନ୍ଧ୍ରର ବିଶାଖାପାଟଣା ନେଇ ଆସିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି।

## ବ୍ରହ୍ମପୁର ଷ୍ଟେସନରେ ରୁଫ୍ ପ୍ଲାଜା ଦାବି କଲା ମିଳିତ କ୍ରିୟାନୁଷ୍ଠାନ କମିଟି

# ଦାବି ପୂରଣ ନହେଲେ ଯନ୍ତରମନ୍ତରରେ ଧାରଣା ଚେତାବନୀ

ବ୍ରହ୍ମପୁର,୧୭।୨(ସମିସ)

ବ୍ରହ୍ମପୁର ରେଳ ଷ୍ଟେସନରେ ରୁଫ୍ ପ୍ଲାଜା ନିର୍ମାଣ ପାଇଁ ଦକ୍ଷିଣ ଓଡ଼ିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି ହୋଇଛି। ଏନେଇ କମିଟି ପକ୍ଷରୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଏବଂ ଖୋର୍ଦ୍ଧା ରୋଡ୍ କ୍ଷେତ୍ରୀୟ ପ୍ରବନ୍ଧକ ଓ ନୂଆଦିଲ୍ଲୀସ୍ଥିତ ରେଳ ମନ୍ତ୍ରାଳୟକୁ ବାରମ୍ବାର ଦାବି କରାଯାଇଛି। ପରେ ମନ୍ତ୍ରାଳୟ ପକ୍ଷରୁ ଷ୍ଟେସନର ଭିତ୍ତିଭୂମି ଉନ୍ନୟନ ପାଇଁ ୯୩.୧୯ କୋଟି ଆର୍ଥିକ ଅନୁମୋଦନ କରିଥିବାରୁ ମିଳିତ କ୍ରିୟାନୁଷ୍ଠାନ କମିଟି କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛି। ରେଳ ଷ୍ଟେସନରେ ୫ ଓ ୬ ନମ୍ବର ପ୍ଲାଟଫର୍ମ ନିର୍ମାଣ, ୧୨ ମିଟରର ଫୁଟ୍ ଓଭରବ୍ରିଜ, ଅତ୍ୟାଧୁନିକ ବୃହତ ମୁଖଶାଳା ଓ ଷ୍ଟେସନରେ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଅନୁସାଙ୍ଗିକ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଉକ୍ତ ଅର୍ଥ ବିନିଯୋଗ ହେବ ବୋଲି ସୂଚନା ମିଳିଛି।

କିନ୍ତୁ ଯୋଜନା ଅନୁମୋଦନ ପାଇଁ ପ୍ରେରିତ ହୋଇଥିବା ଗୋଳନ୍ଥରା ଠାରେ କୋଚିଂ ଡିପୋ ପାଇଁ ବର୍ତ୍ତମାନ ସୁଦ୍ଧା ମନ୍ତ୍ରଣାଳୟ ପକ୍ଷରୁ କୌଣସିମତେ ଆର୍ଥିକ ଅନୁମୋଦନ କରିବା ସହ ବ୍ରହ୍ମପୁର ଷ୍ଟେସନରେ ଅତ୍ୟାଧୁନିକ ରୁଫ୍‌ପ୍ଲାଜା ନିର୍ମାଣ ନିମନ୍ତେ କମିଟି ଦାବି କରିଛି। ଭୁବନେଶ୍ୱରରେ ୧୦୮ ମିଟର, କଟକରେ ୮୫ ମିଟର ଓ ସମ୍ବଲପୁରରେ ପ୍ରସ୍ତାବିତ ୪୦ମିଟର ଓସାରର ରୁଫ୍ ପ୍ଲାଜା କାର୍ଯ୍ୟକ୍ଷମ ହେଉଛି। କିନ୍ତୁ ବ୍ରହ୍ମପୁର ରେଳ ଷ୍ଟେସନ କ୍ଷେତ୍ରରେ କାହିଁକି ବ୍ୟତିକ୍ରମ ବୋଲି କ୍ରିୟାନୁଷ୍ଠାନ କମିଟି ପ୍ରଶ୍ନ କରିଛି। ଏଥିସହ ଗୋପାଳପୁର-ରେଢ଼ାଖୋଲ ଓ ଗୋପାଳପୁର-ସିଙ୍ଗିପୁର(ରାୟଗଡା) ନୂତନ ରେଳପଥ ନିର୍ମାଣ ନିମନ୍ତେ ତଥା ଓରିଡ଼ିଲ ଦ୍ୱାରା ସର୍ବେକ୍ଷଣ ସମାପ୍ତ ହୋଇଛି। ଏହାକୁ ଆର୍ଥିକ ଅନୁଦାନ ନିମନ୍ତେ ପଦକ୍ଷେପ ନେବାକୁ କମିଟି ପକ୍ଷରୁ ନୂଆଦିଲ୍ଲୀସ୍ଥିତ ରେଳ ମନ୍ତ୍ରାଳୟ ଓ ଯନ୍ତରମନ୍ତରରେ ଧାରଣା ଦିଆଯିବ ବୋଲି ସ୍ଥିରକୃତ ହୋଇଛି। ତେଣୁ ରେଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ ଦାବି ପୂରଣ କରିବାକୁ କମିଟିର ଆବାହକ ତଥା ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକ, ପ୍ରଗତିଶୀଳ ଉତ୍କଳ ସମାଜ ରାଜ୍ୟ ସମ୍ପାଦକ ମାନସ ରଞ୍ଜନ ପାତ୍ର, ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟ ନାରାୟଣ ବେହେରା, ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର ଆବାହକ ରାଜେନ୍ଦ୍ର ପଣ୍ଡା, ବିନୋଦ ଠାକୁର, ଓଡିଶା ଡେଭେଲପମେଣ୍ଟ ଫୋରମର ଭି. ସୋମେଶ ରାଓ, ପ୍ରିତିଶ ପାଣିଗ୍ରାହୀ, ବହୁମୁଖୀ ସମାଜ ମଙ୍ଗଳର ମହମ୍ମଦ ଆସଲାମ, ଲେଖକ ସମ୍ମୁଖ୍ୟର ଭବାନୀ ପାଣିଗ୍ରାହୀ, ଘୁମୁସର ଉନ୍ନୟନ ପରିଷଦର ସୋମନାଥ ନାୟକ, ବେଲଗୁଣ୍ଠା ବ୍ୟବସାୟୀ ମହାସଂଘର ଟି. ନାଗେଶ୍ୱର ପାତ୍ର, ବିବେକାନନ୍ଦ କେନ୍ଦ୍ରର କେଦାର ନାଥ ପଣ୍ଡା, ଚାମ୍ବର ଅଫ କମେର୍ସର ଜେ. ସୁରେଶ, ସମ୍ପାଦକ ଭି.ସନ୍ତୋଷ, ଗେଟ ବଜାର ବଣିକ ସଂଘର ୟୁ. ରବି କୁମାର, ସାମ୍ବାଦିକ ଟି. ସ୍ୱଦେଶ ପାତ୍ର, ସୁଜିତ ତ୍ରିପାଠୀ, ଉମାକାନ୍ତ ସାହୁ ଓ ବାସୁଦେବ ପଣ୍ଡା ପ୍ରମୁଖ ଆନ୍ଦୋଳନରେ ସାମିଲ ହେବେ ବୋଲି ସ୍ଥିର କରିଛନ୍ତି।

• ଘରେ ନିଆଁ ଲଗାଇଦେଲ ନିଶାସକ୍ତ ସ୍ୱାମୀ

# ସ୍ତ୍ରୀଙ୍କ ଏତଲା ପ୍ରକାରେ ଗିରଫ

**ଦିଗପହଣ୍ଡି,୧୭।୨(ସମିସ):** ଦିଗପହଣ୍ଡି ୭ ନଂ. ୱାର୍ଡ ବଜାରସାହି ଗୁଣ୍ଡିଚା ଛକରେ ରହୁଥିବା ଏ. ରାଜୁଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ପୁଲିସ ଘରେ ନିଆଁ ଲଗାଇବା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ସୋମବାର ରାତି ପ୍ରାୟ ସାଢ଼େ ୯ ଟାରେ ରାଜୁ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ସ୍ତ୍ରୀ ଏ. ଯୋଶଦାଙ୍କୁ ଗାଳିଗୁଲଜ କରିଥିଲା। ଯଶୋଦା ପ୍ରତିବାଦ କରିବାରୁ ରାଜୁ ଘରେ ଥିବା ଗ୍ୟାସ ସିଲିଣ୍ଡର ଖୋଲି ନିଆଁ ଲଗାଇ ଦେଇଥିଲେ। ଦିଗପହଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏନେଇ ଯଶୋଦା ଥାନାରେ ଏତଲା ଦେବା ପରେ ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଦିଲ୍ଲୀପ ଗୋରଡ଼ା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ବ୍ରହ୍ମପୁର ନିକଟସ୍ଥ ଏକ ନିଶା ନିବାରଣ କେନ୍ଦ୍ରରେ ରାଜୁଙ୍କୁ ପ୍ରାୟ ୪ ମାସ ରଖାଯାଇଥିଲେ ମଧ୍ୟ ସେ ମଦ ଛାଡ଼ି ନଥିବା ସ୍ତ୍ରୀ ଯଶୋଦା ପୁଲିସକୁ କହିଛନ୍ତି।

# ପିତୃ ହତ୍ୟାକାରୀ ପୁତ୍ରକୁ ଆଜୀବନ ଜେଲ୍

**କୋଦଳା,୧୭।୨(ସମିସ):** ପିତୃ ହତ୍ୟାକାରୀ ପୁତ୍ରକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି କୋଦଳା ଅତିରିକ୍ତ ଜିଲ୍ଲା ଦୌରାଜଜ୍। ଅଭିଯୁକ୍ତ ଜଣକ ହେଲେ ପୋଲସରା ଥାନା ଅନ୍ତର୍ଗତ ଜେ. ଡେଙ୍ଗାପଦର ଗ୍ରାମର ସୂର୍ଯ୍ୟମଣୀ ପ୍ରଧାନ। ପ୍ରକାଶ ଯେ, ୧୯ ମେ' ୨୦୧୫ରେ ସୂର୍ଯ୍ୟମଣୀ ତାଙ୍କ ବାପାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ସହ ଭାଇକୁ ମାଡ଼ ମାରି ଲହୁଲୁହାଣ କରିଥିଲେ। ଏନେଇ ୨୦ ମେ' ୨୦୧୫ରେ ପୋଲସରା ଥାନାରେ ଏତଲା ହେବାପରେ ପୁଲିସ ତଦନ୍ତ କରି ଅଭିଯୁକ୍ତକୁ ଗିରଫ ସହ ୧୭ ସେପ୍ଟେମ୍ବର ୨୦୧୫ରେ ଚାର୍ଜସିଟ୍ କୋର୍ଟରେ ଦାଖଲ କରିଥିଲା। ମୋଟ ୧୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି କୋଦଳା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବିଶ୍ୱ ରଞ୍ଜନ ବେହେରା ଆଜି ଏହି ମାମଲାର ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କୁ ସୂର୍ଯ୍ୟମଣୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ୧୦ ହଜାର ୫୦୦ ଟଙ୍କା ଜରିମାନା ଏବଂ ଜରିମାନା ଅନାଦାୟ ଅଧିକ ୬ ମାସ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି ବିଚାରପତି। ପୂର୍ବତନ ପୋଲସରା ଥାନା ଅଧିକାରୀ ତପସ୍ୱିନୀ କଅଁର ଏହି ମାମଲାର ତଦନ୍ତ କରିଥିଲେ। ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୨ ଓ ୩୨୩ରେ ଶୁଣାଣି ହୋଇଥିବା ନେଇ ସୂଚନା ଦେଇଛନ୍ତି ଅତିରିକ୍ତ ପିପି କାମାକ୍ଷା ପ୍ରସାଦ ମହାପାତ୍ର।

# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ଛତ୍ରପୁର,୧୭।୨(ସମିସ):** ଛତ୍ରପୁର ଥାନା ଅଧିନ ପୋଡାପଦର ବଡ଼ପୋଲ ନିକଟ କେନାଲରୁ ଜଣେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ନିଖୋଜ ଯୁବକ ଜଣକ ତରେଇପାଟପୁର ଗ୍ରାମର ଜି. ଏଙ୍କେଟ ରାଓ। ପୋଲ ତଳେ ତାଙ୍କ ଚପଲ ଓ ଗାଡ଼ି ରହିଥିବାବେଳେ ସନ୍ଦେହ ହେବାରୁ ପୁଲିସ ଓ ଅଗ୍ନିଶମ ବିଭାଗର ସହାୟତା ନିଆଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ପାଣିରେ ପଶି ଖୋଜାଖୋଜି କରିଥିବାବେଳେ ଗ୍ରାମବାସୀ ଓ ପରିବାର ଲୋକ ମଧ୍ୟ ବିଭିନ୍ନ ସ୍ଥାନରେ ସନ୍ଧାନ ଜାରି ରଖିଥିଲେ। ପ୍ରକାଶ ଯେ, ସୋମବାର ଜି. ଏଙ୍କେଟ ସୁନ୍ଦରପୁରରୁ ଯାତ୍ରା ଦେଖି ବାଇକ ଯୋଗେ ମଳାଡ଼ ଶଶୁର ଘର ଯାଉଥିବା ବେଳେ ବାଟରେ ଏପରି ଅଘଟଣ ଘଟିଥିବା ଅନୁମାନ କରାଯାଉଛି। ବାଇକ ସହ ଏଙ୍କେଟ ଭାରସାମ୍ୟ ହରାଇ ଗଳାଶଙ୍ଖ ଥିବା ଗଭୀର ପାଣିରେ ପଡ଼ିଯାଇଥିବା ଅନୁମାନ କରାଯାଉଛି। ପୁଲିସ ଶବ ଜବତ କରି ତଦନ୍ତ ଜାରି ରଖିଛି।

# ମତ୍ସ୍ୟଜୀବୀଙ୍କୁ ସୁରକ୍ଷା ଓ ଦକ୍ଷତା ବିକାଶ ତାଲିମ



**ଛତ୍ରପୁର,୧୭।୨(ସମିସ):** ଛତ୍ରପୁର ଓ ଗଞ୍ଜାମ ବ୍ଲକର ସମୁଦ୍ର ଉପକୂଳବର୍ତ୍ତି ଗ୍ରାମର ବହୁ ମତ୍ସ୍ୟଜୀବୀ ଦୈନିକ ମାଛ ଧରିବାକୁ ଡଙ୍ଗା ଯୋଗେ ଗଭୀର ସମୁଦ୍ରକୁ ଯାଇଥାନ୍ତି। କିନ୍ତୁ ସେମାନେ ସମୁଦ୍ରକୁ ଯିବାସମୟରେ ଲାଇଫ ଜ୍ୟାକେଟ ପରିଧାନ କରିନଥାନ୍ତି। ବେଳେ ବେଳେ ସମୁଦ୍ରରେ ଉଚ୍ଚ ଜୁଆର ଆସିଲେ ଡଙ୍ଗା ଓଲଟି ଅକାଳରେ ଜୀବନ ଯାଇଥାଏ। ଏହାକୁ ଦୃଷ୍ଟିରେ ରଖି ସମୁଦ୍ରରେ ଜୀବନର ସୁରକ୍ଷା ନେଇ ଓଡିଶା ସରକାରଙ୍କ ମତ୍ସ୍ୟ ନିର୍ଦ୍ଦେଶାଳୟ ଓ ବିଶାଖାପାଟଣା ସ୍ଥିତ ସିଫନେଟ ସଂସ୍ଥା ପକ୍ଷରୁ ହୁମ୍ମାଠାରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ସାମୁଦ୍ରିକ ମତ୍ସ୍ୟଜୀବୀ ତାଲିମ ନେଇଥିଲେ। ସମୁଦ୍ରକୁ ଯିବା ସମୟରେ ସେମାନଙ୍କ ସୁରକ୍ଷା ପାଇଁ କ'ଣ ସବୁ ଉପକରଣ ବ୍ୟବହାର କରିବେ ସେନେଇ ସେମାନଙ୍କୁ କର୍ମଶାଳାରେ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଛତ୍ରପୁର ସାମୁଦ୍ରିକ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଦେବିଦତ୍ତ ମହାନ୍ତି, ସହକାରୀ ମତ୍ସ୍ୟ ଅଧିକାରୀ ଅମୀୟ ରଞ୍ଜନ ନାୟକ, ସିଫନେଟ ମୁଖ୍ୟ ପ୍ରଶିକ୍ଷକ ଡକ୍ଟର ମହାଦେବ ରାମା କୋକାନେ, ପି. ରିଜେଶ, ଭି ଏସ. ଶରତ ପ୍ରମୁଖ ଉପସ୍ଥିତ ଥିଲେ।

# ଝିଅ ବାହାଘର ଗୁଆ ଦେବାକୁ ଯାଉଥିବାବେଳେ ଦୁର୍ଘଟଣାରେ ବାପା ମୃତ



**ସାନଖେମୁଣ୍ଡି,୧୭।୨(ସମିସ):** ଦୁଇଦିନ ପରେ ଥିଲା ଝିଅ ବାହାଘର। ଫଳରେ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ ସହ ଗୁଆ ଦେବାକୁ ଯାଉଥିବାବେଳେ ବାଇକ୍ ଦୁର୍ଘଟଣାରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଂସାମାରି ଗ୍ରାମର କେ. ହେମନ୍ତ ଦୋରା। ଏଥିରେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି।

ସୂଚନା ମୁତାବକ, ହେମନ୍ତ ଓ ରାଣା ସୀମାଞ୍ଚଳ ମିଶି ସିଙ୍ଗିପୁରରୁ ନିଜ ଘର କଂସାମାରିକୁ ମୋପେଡ୍ ଯୋଗେ ଯାଉଥିବା ବେଳେ ଗ୍ରାମଠାରୁ ୧ କିଲୋମିଟର ଦୂର ଡେଙ୍ଗାଓସ୍ଥା ଗ୍ରାମ ନିକଟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଏକ ବାଇକ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ମୋପେଡରେ ବସିଥିବା ଦୁଇ ଜଣ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ବାଇକ୍ ଚାଳକ ଆଦିକନ୍ଦପୁର ଗ୍ରାମର ସାଗର ନାଇକ ମଧ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ହେମନ୍ତଙ୍କୁ ମୃତ ଘୋଷଣା କରିବା ସହ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଥିଲେ। ଖବର ପାଇ ପାଟପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ମୋପେଡ୍‌କୁ ଥାନାକୁ ଆଣିବା ସହ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।

# ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମେଳା ଉଦ୍‌ଯାପିତ

**ଆସିକା,୧୭।୨(ସମିସ):** ମହାଶିବରାତ୍ରି ଉପଲକ୍ଷେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆସିକା ସେବା କେନ୍ଦ୍ରରେ ଆୟୋଜନ କରାଯାଇ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମେଳା ଉଦଯାପିତ ହୋଇଯାଇଛି। ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀଙ୍କ ସଂଯୋଜନାରେ ଆୟୋଜିତ ମେଳାରେ ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢ଼ୀ, ଆସିକା ଚିନିକଳର ପରିଚାଳନା ନିର୍ଦ୍ଦେଶକ ଡଃ ସୁଶାନ୍ତ କୁମାର ପଣ୍ଡା, ଆସିକା ବାର୍ ଆସୋସିଏସନର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ପଣ୍ଡା ଓ ବରଗାଁ ଅପ୍ ଗ୍ରେଡେଡ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ଆଚାର୍ଯ୍ୟ ଯୋଗଦେଇଥିଲେ। ଉଦଯାପନୀ ଦିବସରେ ଆସିକାର ପ୍ରାକ୍ତନ ନଗରପାଳିକା ମଧୁସ୍ମିତା ପଲାଇ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ସମାଜର ସମସ୍ତ ବର୍ଗଙ୍କୁ ଯଥେଷ୍ଟ ପ୍ରଭାବିତ କରୁଛି ଏବଂ ଏହାର ଉତ୍ତରୋତ୍ତର ଅଭିବୃଦ୍ଧି କାମନା କରିଥିଲେ।

## ଟାଟା ଷ୍ଟିଲ୍ ଫାଉଣ୍ଡେସନର 'ଅରୁଣିମା-୨୦୨୬'

# ୬୩୩ ମେଧାବୀ ଛାତ୍ରଛାତ୍ରୀଙ୍କୁ ଜ୍ୟୋତି ଫେଲୋସିପ୍

ବ୍ରହ୍ମପୁର,୧୭।୨(ସମିସ)

ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍‌ଏଫ୍) ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ "ଅରୁଣିମା-୨୦୨୬' କନକ୍ଲେଭର ୮ମ ସଂସ୍କରଣରେ ଆର୍ଥିକ ଅନଗ୍ରସର ଅନୁସୂଚିତ ଜାତିର ୬୩୩ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ

## ମହିଳା ସଶକ୍ତିକରଣ ଓ ଜୀବିକା ସମ୍ପର୍କିତ କର୍ମଶାଳା

"ଜ୍ୟୋତି ଫେଲୋସିପ୍' ପ୍ରଦାନ କରାଯାଇଛି। ଫାଉଣ୍ଡେସନର ଗୋପାଳପୁର ୟୁନିଟ୍ ଦ୍ୱାରା ଆୟୋଜିତ ଏହି ଦୁଇ ଦିନିଆ କାର୍‌ଯ୍ୟକ୍ରମରେ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀ, ମହିଳା, କୃଷକ, କ୍ଷେତ୍ର ବିଶେଷଜ୍ଞ ଏବଂ ଜନପ୍ରତିନିଧିମାନେ ଏକତ୍ରିତ ହୋଇଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଛତ୍ରପୁର ଏନ୍‌ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ପଦ୍ମଶ୍ରୀ ପଟାୟତ ସାହୁ,




ଡଃ ସାବରମତୀ ଏବଂ ସୀମାଞ୍ଚଳ ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏଠାରେ ଶିକ୍ଷା, ଯୁବ ନେତୃତ୍ୱ, ମହିଳା ସଶକ୍ତିକରଣ ଏବଂ ସ୍ଥାୟୀ ଜୀବିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମ୍ମିଳନୀରେ ଗୋପାଳପୁର ଅଞ୍ଚଳର ୫୩୮ ଜଣ ଚାଷୀ ଯୋଗଦେଇ ଜଳବାୟୁ ଅନୁକୂଳ ଚାଷ ଏବଂ ଆଧୁନିକ ଜୀବିକା ପ୍ରଣାଳୀ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର କାର୍ଯ୍ୟକାରୀ ଗ୍ରାମଗୁଡ଼ିକରୁ ପ୍ରାୟ ୩୪୫ ଜଣ ମହିଳା ନେତ୍ରୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୫ଜଣ ଯୁବକଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ କୃଷି କ୍ଷେତ୍ରରେ ଉନ୍ନତି କରି ନିଜର ଆୟ ବୃଦ୍ଧି କରିଥିବା ୩୦ଜଣ ପ୍ରଗତିଶୀଳ ଚାଷୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏଠାରେ ଜୈବିକ ଚାଷ ଏବଂ ସ୍ଥାୟୀ କୃଷି ପ୍ରଣାଳୀ ଉପରେ ଆଧାରିତ "ସୂଚନା ଶିକ୍ଷା ଏବଂ ଯୋଗାଯୋଗ' (ଆଇଇସି) ମ୍ୟାଟେରିଆଲ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟି ଭୁବନେଶ୍ୱରର ବୈଜ୍ଞାନିକ ଡଃ ବିଶ୍ୱରଞ୍ଜନ ପ୍ରଧାନ, ଭୁବନେଶ୍ୱର ସ୍ଥିତ ସେଣ୍ଟ୍ରାଲ ହର୍ଟିକଲଚରାଲ ଏକ୍ସପେରିମେଣ୍ଟ ଷ୍ଟେସନର ମୁଖ୍ୟ ବୈଜ୍ଞାନିକ ଡଃ ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ, ଗଞ୍ଜାମ ଜିଲ୍ଲା ମତ୍ସ୍ୟ ଅଧିକାରୀ ଭରତ ଭୂଷଣ ସାହୁ ଏବଂ କୋରାପୁଟର "ମିଲେଟ୍ କୁଇନ୍' ରାଇମତୀ ଘିଉରିଆ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ରତ୍ନା ସାହୁ, ମୁନିକୋ ଫୁଡ୍ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶିକା ସନ୍ଧ୍ୟାରାଣୀ ମୁନି, ଟାଟା ଷ୍ଟିଲ୍ ସ୍ପେଶାଲ୍ ଇକୋନୋମିକ୍ ଜୋନ୍ ଲିମିଟେଡ୍‌ର କର୍ପୋରେଟ୍ ସର୍ଭିସେସ୍ ମୁଖ୍ୟ ରାକେଶ କୁମାର ପାତ୍ର ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଗୋପାଳପୁରର ୟୁନିଟ୍ ଲିଡ୍ ଡଃ ଜୟନ୍ତ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

# ସାଇବର୍ ସୁରକ୍ଷା ସଚେତନତା



**ଧରାକୋଟ,୧୭।୨(ସମିସ):** ଧରାକୋଟ ବ୍ଲକ ମିଶନଶକ୍ତି ଭବନ ପରିସରରେ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ବେଟି ବଚାଓ ବେଟି ପଢାଓ ଏବଂ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ସୁନିଲ ପ୍ରଭା ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାକ୍ତର ଶଙ୍କର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ଆସିକା ଥାନା ସାଇବର ସେଲ ଅଧିକାରୀ ଅଲିସ୍ମିତା ଜେନା, ଏବିଇଓ ସୌରୀ ଶଙ୍କର ବେହେରା, ଆଇନଜୀବୀ ହୃଦାନନ୍ଦ ଜେନା, ଜିଲ୍ଲା ହବ ସାମର୍ଥ୍ୟର ବବିତା ମହାରଣା, ଏସବିଆଇର କେ.ଦିବ୍ୟଲୋଚନ ପାତ୍ର, ଭିଆଇଡିଏସ କାଉନସିଲର ମଣ୍ଟୁ ଜେନା, ପ୍ରଭାତ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ବଢି ଚାଲିଥିବା ସାଇବର ଅପରାଧ ରୋକିବା ପାଇଁ ସଚେତନତା ଓ ସତର୍କତାମୂଳକ ଭାବରେ ନିଜକୁ ନିଜେ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ଦେଇଥିଲେ। ସିଆରସିସି ଜଗନ୍ନାଥ ପଢ଼ିହାରି, ପ୍ରମୋଦ ସେଠୀ, ପ୍ରଭାତ କିରଣ ସାହୁ, କିରଣବାଳା ନାୟକ, ଶର୍ମିଷ୍ଠା ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ସୁପରଭାଇଜର ରାଜଲକ୍ଷ୍ମୀ ପ୍ରଧାନ ଏଥିରେ ସଂଯୋଜନା କରିଥିବା ବେଳେ ଭଗ୍ୟଲତା ମଣ୍ଡଳ, ପଦ୍ମାବତୀ ମଲିକ, ମିଶନଶକ୍ତି ବିଭାଗର ଅଜୟ ସାମିଲ, ବାବୁଲ ଦାସ ଓ ସ୍ମୃତିରଖା ରେଡ୍ଡୀ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ। ଏହି ଅବସରରେ ନିକଟସ୍ଥ କାଳୀ ମନ୍ଦିର ପରିସରରେ ସମାଜସେବୀ ଦିଲିପ କୁମାର ସ୍ୱାଇଁଙ୍କ ସହଯୋଗରେ ବାଲ୍ୟ ବିବାହ ରୋକିବା ପାଇଁ ସମସ୍ତେ ଶପଥ ପାଠ କରିଥିଲେ।

### ନିୟନ୍ତ୍ରଣ ବାହାରେ ଘରୋଇ ଶିକ୍ଷାନୁଷ୍ଠାନ

# ସିବିଏସ୍‌ଇ ମାଟ୍ରିକ ପରୀକ୍ଷାରୁ ବଞ୍ଚିତ ହେଲେ ୫ ଛାତ୍ରଛାତ୍ରୀ






ପାରଳାଖେମୁଣ୍ଡି/କାଶୀନଗର,୧୭ ।୨(ସମିସ)

ଗଜପତି ଜିଲ୍ଲା ଶିକ୍ଷା ବିଭାଗର ନିୟନ୍ତ୍ରଣ ବାହାରେ ରହିଛି ଘରୋଇ ଶିକ୍ଷାନୁଷ୍ଠାନ। ଫଳରେ ପିଲାଙ୍କ ଭବିଷ୍ୟତ ସହ ସେମାନେ ଖେଳ ଖେଳୁଛନ୍ତି। ଟଙ୍କା ଉପାର୍ଜନ କରି ମାଲାମାଲ ହେଉଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନ ଯୋଗୁ ୫ ପିଲାଙ୍କ ଭବିଷ୍ୟତ ଏବେ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଛି। ଜିଲ୍ଲା ଶିକ୍ଷା ବିଭାଗ ଅଧିନରେ ସିବିଏସ୍‌ସି କିମ୍ବା ଅନ୍ୟ କୌଣସି କୋର୍ସ ଆସୁନଥିବା ଏବଂ ଏପରି କେନ୍ଦ୍ରୀୟ ପରିଚାଳିତ ବୋର୍ଡମାନଙ୍କର କୌଣସି କର୍ତ୍ତୃପକ୍ଷ ଜିଲ୍ଲାରେ ନଥିବା ଯୋଗୁ ଯିଏ ପାରିଲା ବିଦ୍ୟାଳୟ ଖୋଲି ଲୁଟିଚାଲିଲା। ଏପରି ଏକ ଘଟଣା ଘଟିଛି ଗଜପତି ଜିଲ୍ଲା କାଶୀନଗର ସ୍ଥିତ ଘରୋଇ ସ୍ମାର୍ଟ ପବ୍ଲିକ ସ୍କୁଲ୍‌ରେ।

ମଙ୍ଗଳବାର ଠାରୁ ସିବିଏସଇ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ସ୍ମାର୍ଟ ପବ୍ଲିକ ସ୍କୁଲ କର୍ତ୍ତୃପକ୍ଷଙ୍କ ଖାମଖିଆଲି ଯୋଗୁ ୫ଜଣ ଛାତ୍ରଛାତ୍ରୀ ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ପରୀକ୍ଷାରୁ ବଞ୍ଚିତ ଛାତ୍ର ଓ ତାଙ୍କ ଅଭିଭାବକ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡିବ ଏବଂ ଯଦି କିଛି ତ୍ରୁଟି ଥାଏ ତାହେଲେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ନିଆଯିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ କହିଛନ୍ତି।

ପ୍ରକାଶ ଯେ, ଜଣେ ଛାତ୍ରୀ ଏବଂ ୪ଜଣ ଛାତ୍ର କାଶୀନଗର ସ୍ଥିତ ସ୍ମାର୍ଟ ପବ୍ଲିକ ସ୍କୁଲରେ ପଢୁଥିଲେ। ଚଳିତ ବର୍ଷ ସେମାନେ ମାଟ୍ରିକ ପରୀକ୍ଷା ଦେବାକୁ ଫର୍ମ ପୁରଣ କରିଥିଲେ। ହେଲେ ଆଜିଠାରୁ ସିବିଏସଆଇ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଏହି ପିଲାଙ୍କ ଆଡ୍‌ମିଟ୍ କାର୍ଡ ଆସିନଥିବାରୁ ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ଏ ସଂପର୍କରେ ପରୀକ୍ଷାରୁ ବଞ୍ଚିତ ହୋଇଥିବା ପିଲା ଏବଂ ତାଙ୍କ ଅଭିଭାବକ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଭେଟି ପଚାରିବାରୁ ଆଧାର କାର୍ଡରେ ତ୍ରୁଟି ଯୋଗୁ ଏଭଳି ହୋଇଥିବା କହିଥିଲେ। ହେଲେ ଏଥିରେ ସନ୍ତୁଷ୍ଟ ନହୋଇ ଜଣେ ଛାତ୍ର କେ.ଅଜୟ ଏବଂ ତାଙ୍କ ମା' ଜ୍ୟୋତି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଥିଲେ। ଏହାପରେ ଘଟଣା ପଦାକୁ ଆସିଥିଲା। ସ୍କୁଲ କର୍ତ୍ତୃପକ୍ଷ ଗତକାଲି ଯାଏଁ ଆଡ୍‌ମିଟ କାର୍ଡ ମିଳିବ ବୋଲି କହୁଥିବା ବେଳେ ସନ୍ଧ୍ୟାରେ ଏହା ମିଳିବ ନାହିଁ ବୋଲି କହିଥିବା ସେମାନେ ଅଭିଯୋଗ କରିବା ସହ ସେମାନଙ୍କୁ ପରୀକ୍ଷା ଦେବାକୁ ସୁଯୋଗ ଦେବାକୁ ନିବେଦନ କରିଛନ୍ତି। ନଚେତ ସେମାନଙ୍କ ଗୋଟିଏ ବର୍ଷ ନଷ୍ଟ ହୋଇଯିବ ବୋଲି ଉଭୟ ଛାତ୍ର ଏବଂ ତାଙ୍କ ମା' କହିଛନ୍ତି। ୫ଜଣ ପିଲାଙ୍କ ଗୋଟିଏ ବର୍ଷ ନଷ୍ଟ ହୋଇଥିବାରୁ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି।

**● ଆଫିଲେସନ ନଥାଇ ପଢ଼ାଉଥିଲେ ପାଠ**

**● ଧରାପଡ଼ିବା ପରେ ଦେଖାଉଛନ୍ତି ଦାଦାଗିରି**

ଏନେଇ ସ୍କୁଲର ଅଧ୍ୟକ୍ଷଙ୍କ ସହ ଯୋଗାଯୋଗ କରାଯିବାରୁ ସେ ଏହି ଘଟଣାକୁ ଚାଲାକର ସହ ଏଡ଼ାଇ ଦେବାକୁ ଚେଷ୍ଟା କରିଥିଲେ। ଆମ ସ୍କୁଲ କେବଳ ପ୍ରଥମରୁ ଅଷ୍ଟମ ଯାଏଁ ଆଫିଲେସନ ପାଇଛି। ତେଣୁ ଅଷ୍ଟମ ପରେ ପିଲାମାନେ ଅନ୍ୟ କେଉଁଠି ନାମ ଲେଖାଉଛନ୍ତି। କିନ୍ତୁ ଆମ ପାଖରେ ଟ୍ୟୁସନ ପଢୁଥିବା କହିବା ସହ ନିଜର ପ୍ରଚାରପ୍ରସାର ପାଇଁ ପିଲାଙ୍କୁ ମାଟ୍ରିକର ପରିଚୟପତ୍ର ସ୍କୁଲ ପକ୍ଷରୁ ପ୍ରଦାନ କରାଯାଇଥିବା କହି ଖସିଯିବାକୁ ପ୍ରୟାସ କରିଛନ୍ତି। ଏହାର କିଛି ସମୟ ପରେ ସଂପୃକ୍ତ ଅଧକ୍ଷ ଅବିଭାବକ କେ.ଜ୍ୟୋତିଙ୍କ ନିକଟକୁ ଫୋନ କରି ତେଲୁଗୁ ଭାଷାରେ କଥା ହୋଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ଦ୍ୱାରା ସ୍କୁଲ ଉପରେ ଏହାର ପ୍ରଭାବ ପଡ଼ିବ। ତେଣୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଫେରିଆସିବାକୁ ଅନୁରୋଧ କରିଥିବା ମଧ୍ୟ ଜଣାପଡ଼ିଛି। ଜିଲ୍ଲାରେ ଛତୁ ଫୁଟିବା ଭଳି ପବ୍ଲିକ ସ୍କୁଲ ଗଢି ଉଠୁଥିବା ବେଳେ ଏହାର ସଠିକ ଯାଞ୍ଚ ହେଉନାହିଁ। ନା ଜିଲ୍ଲା ପ୍ରଶାସନ ନା ଶିକ୍ଷା ବିଭାଗ ନା ସିବିଏସଇ କେହିହେଲେ ଯାଞ୍ଚ କରୁନଥିବାରୁ ଛାତ୍ରଛାତ୍ରୀଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଘଟଣା ସାମ୍ନାକୁ ଆସିବା ପରେ ଏହାର ତଦନ୍ତ କରାଯିବ ଏବଂ ଯିଏ ଦୋଷୀଙ୍କ ବିରୋଧ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ଡ.ମାୟାଧର ସାହୁ କହିଛନ୍ତି। ବିନା କୌଣସି ଭିତ୍ତିଭୂମିରେ କିମ୍ବା ଉପଯୁକ୍ତ ଆଫିଲେସନରେ ସ୍କୁଲ ଖୋଲୁଥିବା ବେଳେ ଅଶିକ୍ଷିତ ଅଭିଭାବକ କିଛି ଜାଣିନପାରି ସେଠାରେ ପିଲାଙ୍କୁ ପଢାଉଛନ୍ତି। ଶିକ୍ଷା ବିଭାଗ ଏବଂ ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି ହେଉଛି। ଉକ୍ତ ସ୍କୁଲରେ ବେଆଇନ ଭାବେ ସ୍କୁଲ ବସ୍ ଚଳାଇଥିବା ଜଣାପଡିଛି। ଏନେଇ କିଛି ସାମ୍ବାଦିକ ପଚାରିବାରୁ ଉକ୍ତ ବସ୍ ମାଲିକ ସାମ୍ବାଦିକଙ୍କୁ ଆକ୍ରମଣ କରିବା ଘଟଣା ବି ସାମ୍ନାକୁ ଆସିଛି। ସେହିପରି କିଛି ଦିନ ପୂର୍ବେ ଉକ୍ତ ସ୍କୁଲ ପକ୍ଷରୁ ଛାତ୍ରଛାତ୍ରୀ ପିକ୍‌ନିକ ଯାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଘଟଣାକୁ କିଛି ଅଧିକାରୀ ଚପାଇଦେଇଥିବା କଥା ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି। ଉକ୍ତ ସ୍କୁଲ ଶିକ୍ଷା ବିଭାଗଙ୍କ ନିୟମ ଅନୁଯାୟୀ ଚାଲିନଥିବା ବେଳେ କାହିଁକି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି କି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ତାହା ଏବେ ପ୍ରଶ୍ନ ଉଠିଛି। ଜିଲ୍ଲା ପ୍ରଶାସନ ଉକ୍ତ ସ୍କୁଲ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ୩ ଅସହାୟ ଶିଶୁଙ୍କୁ ଉଦ୍ଧାର କଲା ଜିଲ୍ଲା ପ୍ରଶାସନ

ପାରଳାଖେମୁଣ୍ଡି,୧୭ ।୨(ସମିସ): ମୋହନା ବ୍ଲକର ମେରାପର୍ଲି ପଞ୍ଚାୟତ ଲୁଡୁରୁ ଗ୍ରାମରୁ ଜିଲ୍ଲା ପ୍ରଶାସନ ୩ ଅସହାୟ ଶିଶୁଙ୍କୁ ଉଦ୍ଧାର କରିଛି। ଗ୍ରାମର ମାର୍ସଲ ନାୟକଙ୍କ ସ୍ତ୍ରୀ ସାବିତ୍ରୀ ନାୟକ ୪ ବର୍ଷ ପୂର୍ବେ ୩ ଶିଶୁଙ୍କୁ ଛାଡି ଦ୍ୱିତୀୟ ବିବାହ କରି ଅନ୍ୟତ୍ର ଚାଲିଯାଇଛନ୍ତି। ମାର୍ସଲ ନାୟକ ଅତ୍ୟନ୍ତ ଗରିବ ହୋଇଥିବାରୁ ପିଲାଙ୍କ ଭରଣପୋଷଣ ପାଇଁ ଦାଦନ ଖଟିବାକୁ ଗୋଆ ରାଜ୍ୟକୁ ଚାଲିଯାଇଥିଲେ। ହେଲେ ବିଧିର ବିଧାନ ଅଲଗା ଥିଲା। ୨୦୨୨ରେ ତାଙ୍କର ସେଠାରେ ମୃତ୍ୟୁ ହୋଇଥିଲା। ତାଙ୍କ ତିନି ସନ୍ତାନ ଗ୍ରାମରେ ତାଙ୍କ ଭଉଣୀ ଲରେନସା ନାୟକଙ୍କ ନିକଟରେ ରହିଥିଲେ। ୩ ପିଲାଙ୍କ ମଧ୍ୟରେ ୨ ଝିଅ ରହିଥିବା ବେଳେ ଗୋଟିଏ ପୁଅ ଅଛନ୍ତି। ବଡ ଝିଅର ବୟସ ୧୫ ହୋଇଥିବା ବେଳେ ପୁଅର ବୟସ ୧୪ ଏବଂ ସାନ ଝିଅର ବୟସ ୯। ମାର୍ସଲଙ୍କ ମୃତ୍ୟୁ ପରେ ତାଙ୍କ ତିନି ସନ୍ତାନ ଅସହାୟ ହୋଇପଡିଥିଲେ। ମୋହନା ବିଡିଓ ଏ ବିଷୟ ଜାଣିବା ପରେ ତୁରନ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ମୋହନା ଶିଶୁ ଯତ୍ନ ଅନୁଷ୍ଠାର ପରିଚାଳକଙ୍କ ସହ ଉକ୍ତ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ୩ ଶିଶୁଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର କରିବା ପରେ ପ୍ରଥମେ ଶିଶୁ କଲ୍ୟାଣ ସମିତିଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ଶିଶୁଙ୍କ ଠାରୁ ସମସ୍ତ ବିଷୟ ଜାଣିବା ପରେ ଶିଶୁ କଲ୍ୟାଣ ସମିତି ସେମାନଙ୍କୁ ଶିଶୁ ଯତ୍ନ ଅନୁଷ୍ଠାନ ଉତ୍କଳ ବାଳାଶ୍ରମରେ ରହିବା ପାଇଁ ସୁପାରିସ କରିଛନ୍ତି। ଜିଲ୍ଲା ପ୍ରଶାସନ ତରଫରୁ ଶିଶୁଙ୍କ ରହିବା, ଖାଇବା ଓ ପାଠ ପଢିବା ଦାୟିତ୍ୱ ନିଆଯାଇଥିବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ତ୍ରିପାଠୀ କହିଛନ୍ତି।

## ବାବା ବିରୁପାକ୍ଷଙ୍କ ଜାଗର ଯାତ୍ରା ଉଦ୍‌ଯାପିତ



ଫିରିଙ୍ଗିଆ,୧୭।୨(ସମିସ): ଫିରିଙ୍ଗିଆ ବ୍ଲକ ଡ଼ିଣ୍ଡିରାଗାଁର ବହୁ ପୁରାତନ ବାବା ବିରୁପାକ୍ଷଙ୍କ ଜାଗର ଯାତ୍ରା ଉଦଯାପିତ ହୋଇଛି। ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ ଯାତ୍ରା ତିନିଦିନ ଧରି ଅନୁଷ୍ଠିତ ହୋଇଥିବ ବେଳେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ତିନିଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବା ବେଳେ ପ୍ରଥମ ଦିନ ମେଲୋଡି, ଦ୍ୱିତୀୟ ଦିନରେ କାଳ୍ପନିକ ନାଟକ ଓ ଉଦଯାପନୀ ସନ୍ଧ୍ୟାରେ ସମ୍ପୂର୍ଣ୍ଣ ରାମାୟଣ ନାଟକ ପରିବେଷଣ ହୋଇଥିଲା। ଯାତ୍ରା କମିଟି ସଭାପତି ସରୋଜ ଦିଗାଳଙ୍କ ସଭାପତିତ୍ୱ ଓ ବରିଷ୍ଠ ଉପଦେଷ୍ଟା ରାଜେଶ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ଦିନରେ ଅନୁଷ୍ଠିତ କାଳ୍ପନିକ ନାଟକର ଉଦଘାଟନି ଉତ୍ସବରେ ସମାଜସେବୀ ଜଗନ୍ନାଥ ଦିଗାଳ ମୁଖ୍ୟଅତିଥି, ମୁଖ୍ୟ ବକ୍ତା ଭାବରେ ଜିଲ୍ଲା ପାରମ୍ପରିକ କଳାକାର ସଙ୍ଘ ସଭାପତି ଅକ୍ଷୟ କୁମାର କର୍ଣ୍ଣ ଯୋଗ ଦେଇଥିଲେ। ଡିଣ୍ଡିରଗାଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରୁପାଲୀ ନାଏକ, ପଞ୍ଚାୟତ ତଥ୍ୟ ପରିଚାଳିକା ରିତାରାଣୀ ଦଳବେହେରା, ଗାଁର ପାଟଭୁକ୍ତା ଡମ୍ବରୁ ବିଶୋଇ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଅଞ୍ଚଳରୁ ଆସିଥିବା ଜଣାଶୁଣା ନାଟ୍ୟଗୁରୁ ତଥା କଣ୍ଠଶିଳ୍ପୀ ଉଦିତ କୁମାର ଦାଶ ଓ ତାଙ୍କ କଳାକାର ରାମାୟଣ ନାଟକ ପରିପେଷଣ କରିଥିଲେ। ରାମାୟଣ ନାଟକର ଉଦଘାଟନୀ ଉତ୍ସବରେ ବରିଷ୍ଠ କଂଗ୍ରେସ ନେତା ପ୍ରତାପ ପ୍ରଧାନ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବରେ କନ୍ଧମାଳ ଜିଲ୍ଲା ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜିଲ୍ଲା ସଭାପତି ଘନକୁମାର ଶବର ଯୋଗ ଦେଇଥିଲେ। କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ଅନାମ ନାଏକ, ଯୁବ କଂଗ୍ରେସ ନେତା ରଞ୍ଜିତ ନାଏକ, ଫିରିଙ୍ଗିଆ ବ୍ଲକ କଂଗ୍ରେସ ସଭାପତି କୃପାସିନ୍ଧୁ ବିଶୋଇ, ସମାଜସେବୀ ସଞ୍ଜୟ କୁମାର ଦିଗାଲ, କଟରିଙ୍ଗିଆ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନନ୍ଦିରଥ ଦିଗାଲ, ସମାଜସେବୀ ଭାସ୍କର ପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

## ମୋହନା ହିଲ୍‌ଟପ କଲେଜର ବାର୍ଷିକ ଉତ୍ସବ




ମୋହନା,୧୭।୨(ସମିସ): ମୋହନା ହିଲଟପ କଲେଜ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଯୁକ୍ତ ୨ ଅଧକ୍ଷ ଭଗବାନ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଉତ୍ତମ ନାଗରିକ ହୋଇ ଦେଶର ସେବା କରିବାକୁ ପରାମର୍ଶ ଦେଇଛନ୍ତି। ମୁଖ୍ୟବକ୍ତା ଭାବେ ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ମଧୁସୂଦନ ପାଢ଼ୀ, ମାର୍ସିଲ ନାୟକ, ଯୁକ୍ତ ୩ ଅଧକ୍ଷ ଶୁଭ୍ରକାନ୍ତ ମହାନ୍ତି, ବରିଷ୍ଠ ନେତା ଦଣ୍ଡାସୀ ସାହୁ, ସାଂସଦ ପ୍ରତିନିଧି ଜିତେନ୍ଦ୍ର ବେହେରା, ମୋହନା ଉନ୍ନୟନ ପରିଷଦ ସମ୍ପାଦକ ଆଇନଜୀବୀ ସୀମାଞ୍ଚଳ କାର୍ଜି, ମୋହନା ପ୍ରେସ କ୍ଲବ ସଭାପତି ସୁମନ ପଟ୍ଟନାୟକ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଶରତ ମଲ୍ଲିକ ଓ ବିଧାୟକ ପ୍ରତିନିଧି ରମେଶ ବିଷୋୟୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଅଧ୍ୟାପକ ଏସ୍. ରମେଶ, ଅନିଲ ତ୍ରିପାଠୀ ଓ ସମସ୍ତ ଅଧ୍ୟାପକ, ତଥା କର୍ମଚାରୀ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ନବନିଯୁକ୍ତ ଜିଲ୍ଲା ବିଜେଡି ମହିଳା ସଭାପତିଙ୍କ ମାଲ୍ୟାର୍ପଣ

ପାରଳାଖେମୁଣ୍ଡି,୧୭ ।୨(ସମିସ): ଗଜପତି ଜିଲ୍ଲା ବିଜେଡି ମହିଳା ସଭାପତି ଭାବେ ସଂଯୁକ୍ତା ବେହେରା ନିଯୁକ୍ତ ହୋଇଛନ୍ତି। ଦଳୀୟ ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିଯୁକ୍ତି ଦେବା ପରେ ଜିଲ୍ଲା ବିଜେଡି ଶିବିର ଉତ୍ସାହିତ ହୋଇଛି। ଆଜି ନବନିଯୁକ୍ତ ଜିଲ୍ଲା ବିଜେଡି ମହିଳା ସଭାପତି ଶ୍ରୀମତୀ ବେହେରା ପାରଳାଖେମୁଣ୍ଡି ସହରର ହାଇସ୍କୁଲ ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସେ ଜିଲ୍ଲାରେ ଦଳକୁ ଆହୁରି ସଶକ୍ତ କରିବାକୁ ତୃଣମୂଳ ସ୍ତରରେ ଉଦ୍ୟମ କରିବେ ବୋଲି କହିଛନ୍ତି। ଏହି ଅବସରରେ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ, ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, ଉପାଧକ୍ଷ ଲେଙ୍କା ମଧୁ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀକାନ୍ତ ପରିଚ୍ଛା, ରାଜେନ୍ଦ୍ର ବେହେରା, ରଘୁରାମ ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ଲେଙ୍କା ସୀମାଦ୍ରି, ଛାତ୍ର ବିଜେଡି ସଭାପତି ବିଶ୍ୱଜିତ ତ୍ରିପାଠୀଙ୍କ ସହ ଜିଲ୍ଲାର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।



## ୪ ପଞ୍ଚାୟତରେ ମନରେଗା ସାମାଜିକ ସମୀକ୍ଷା ଗ୍ରାମସଭା

ଟିକାବାଲି,୧୭।୨(ସମିସ): ଟିକାବାଲି ବ୍ଲକ ଅନ୍ତର୍ଗତ ପିକରଡ଼ି, ଗଦଗୁଡା, ଟିକାବାଲି ଏବଂ କଇଁଝର ପଞ୍ଚାୟତରେ ମନରେଗା ସାମାଜିକ ସମୀକ୍ଷା ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପ୍ରଶାସନ ଓ ଗ୍ରାମ୍ୟ ସମ୍ବଳ କର୍ମୀଙ୍କ ମିଳିତ ସହଯୋଗରେ ଗତ ୬ ମାସର କାର୍ଯ୍ୟାବଳୀର ତଦାରଖ କରାଯାଇ ହିତାଧିକାରୀଙ୍କ ସମ୍ମୁଖରେ ତଥ୍ୟ ଉପସ୍ଥାପନ କରାଯାଇଛି। ଏକ ସପ୍ତାହ ଧରି ଗ୍ରାମ୍ୟ ସମ୍ବଳ କର୍ମୀ (ଭିଆରପି) ବିଭିନ୍ନ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିବା ସହ ମଷ୍ଟର ରୋଲ ଓ ଅନ୍ୟାନ୍ୟ କାଗଜପତ୍ରର ଯାଞ୍ଚ କରିଥିଲେ। ଏହି ସମୀକ୍ଷା ପରେ ଆଜି ଉକ୍ତ ୪ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯାଇଥିଲା। ସଭାରେ ଏଡିଓ, ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ବ୍ଲକ ସମ୍ବଳ କର୍ମୀ ଉପସ୍ଥିତ ରହି ଲୋକଙ୍କୁ ଯୋଜନାର ସ୍ୱଚ୍ଛତା ସମ୍ପର୍କରେ ଅବଗତ କରାଇଥିଲେ।

ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଏହି ସମସ୍ତ ଗ୍ରାମସଭା ପ୍ରକ୍ରିୟା କେନ୍ଦ୍ର ସରକାରଙ୍କ "ନିର୍ଣ୍ଣୟ' ମୋବାଇଲ୍ ଆପ୍ ମାଧ୍ୟମରେ ପରିଚାଳିତ ହୋଇଛି। ଏହି ଆପ୍ ଜରିଆରେ ଗ୍ରାମସଭାର ନିଷ୍ପତ୍ତି, ଉପସ୍ଥିତି ଏବଂ ଫଟୋଗ୍ରାଫ୍ ସାଙ୍ଗେ ସାଙ୍ଗେ ଅପଲୋଡ୍ କରାଯାଇଛି, ଯାହାଦ୍ୱାରା ଯୋଜନା ପରିଚାଳନାରେ ଅଧିକ ସ୍ୱଚ୍ଛତା ଏବଂ ଜବାବଦେହିତା ଆସିପାରିବ। ଏହି ଗ୍ରାମସଭା ପିକରଡ଼ି ପଞ୍ଚାୟତରେ ସମ୍ବଳକର୍ମୀ ସୁଲତା ଦିଗାଳ ଓ ଚିନୁମା ପ୍ରଧାନ ଏବଂ ବିଏସଏ ପ୍ରଫୁଲ ଚନ୍ଦ୍ର ପ୍ରଧାନ, ଗଦଗୁଡା ପଞ୍ଚାୟତରେ ସମ୍ବଳ କର୍ମୀ ବାସନ୍ତୀ ବେହେରା ଓ କମଳା ପ୍ରଧାନ ଏବଂ ବିଏସଏ ପ୍ରଫୁଲ ଚନ୍ଦ୍ର ପ୍ରଧାନ, ଟିକାବାଲି ପଞ୍ଚାୟତରେ ସମ୍ବଳକର୍ମୀ ଅମିତା ଭୋଇ ଓ ଚନ୍ଦମା ପ୍ରଧାନ ଏବଂ କଇଁଝର ପଞ୍ଚାୟତରେ ସମ୍ବଳ କର୍ମୀ ହେମଲତା ପ୍ରଧାନ ଓ କାମିନୀ ଦିଗାଳ ଉପସ୍ଥିତ ରହି ପରିଚାଳନା କରିଥିଲେ।

ଗ୍ରାମସଭା ସମୟରେ ମୁଖ୍ୟତଃ ଦୁଇଟି ସମସ୍ୟା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କିଛି ସ୍ଥାନରେ ମଜୁରୀ ପ୍ରଦାନରେ ବିଳମ୍ବ ହେଇଥିବା ବେଳେ ପ୍ରକଳ୍ପ ସ୍ଥଳରେ ସୂଚନା ଫଳକ ଲଗାଯାଇ ନଥିବା ନେଇ ଅଭିଯୋଗ ହୋଇଥିଲା। ଉପସ୍ଥିତ ଅଧିକାରୀମାନେ ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ସହ ଆଗାମୀ ଦିନରେ କାର୍ଯ୍ୟରେ ଅଧିକ ସ୍ୱଚ୍ଛତା ରଖିବାକୁ ପରାମର୍ଶ ଦେଇଛନ୍ତି।



### ■ ହବାକ୍ ହାଇସ୍କୁଲରେ ନୋଡାଲ ସେଣ୍ଟର

## କଡ଼ା ସୁରକ୍ଷାରେ ପ୍ରଶ୍ନପତ୍ର; ପରୀକ୍ଷା ଦେବେ ୨୧୮ ଛାତ୍ରଛାତ୍ରୀ

ଜି.ଉଦୟଗିରି,୧୭।୨(ସମିସ)

ଜି.ଉଦୟଗିରି ହବାକ୍ ହାଇସ୍କୁଲରେ ନୋଡ଼ାଲ ସେଣ୍ଟର ହୋଇଥିବାବେଳେ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ଏଠାରେ ରଖାଯାଇଛି। ଏହି ନୋଡାଲ ସେଣ୍ଟରରୁ କଳିଙ୍ଗା ହାଇସ୍କୁଲ, ହବାକ ହାଇସ୍କୁଲ, ଜି. ଉଦୟଗିରି ସରକାରୀ ବାଳିକା ବିଦ୍ୟାଳୟ, ଲିଙ୍ଗାଗଡ଼କୁ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ପଠାଯିବ। ଏହାସହିତ ହବାକ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଚାରୋଟି ସ୍କୁଲ ଜି.ଉଦୟଗିରି ସରକାରୀ ବାଳିକା ବିଦ୍ୟାଳୟ, ଗ୍ରେସିଙ୍ଗିଆ ଆରଶ୍ମିନୀ ଜନତା ଉଚ୍ଚ ବିଦ୍ୟାଳୟ, ରୁଦାଙ୍ଗିଆ ବାଳ ଗଙ୍ଗାଧର ତିଳକ ହାଇସ୍କୁଲ, ବଡିଙ୍ଗିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୨୧୮ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଡେପୁଟି ନୋଡାଲ ଅଫିସର ବିଜୟ କୁମାର ମିଶ୍ର କହିଛନ୍ତି।

## ଡୁଗୁଡିପାରୀ ଜଙ୍ଗଲରୁ ଯୁବକ ନିଖୋଜ




ଜି.ଉଦୟଗିରି,୧୭।୨(ସମିସ): ଜି.ଉଦୟଗିରି ନିକଟସ୍ଥ ଡୁଗୁଡିପାରୀ ଜଙ୍ଗଲକୁ ପରିବାର ସହିତ ଜାଳେଣି କାଠ ଆଣିବାକୁ ଯାଇ ଯୁବକ ନିଖୋଜ ହୋଇଯାଇଛନ୍ତି। ଏନେଇ ତାଙ୍କ ପତ୍ନୀ ପୁଲିସର ଆଶ୍ରୟ ନେଇଛନ୍ତି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ, ଶୁକ୍ରବାର ମଧ୍ୟାହ୍ନରେ କଳିଙ୍ଗା ଡୁଗୁଡିପାରୀ ଦୋକାନସାହିର ସଚ୍ଚିନ୍ଦ୍ର କହଁର, ସ୍ତ୍ରୀ ଆଲିମା କହଁର ଏବଂ ଝିଅ ସହିତ ନିକଟସ୍ଥ ଜଙ୍ଗଲକୁ ଜାଳେଣି କାଠ ଆଣିବାକୁ ଯାଇଥିଲେ। ଜାଳେଣି କାଠ ଗୋଟାଗୋଟି କରି ବିଡ଼ା ବାନ୍ଧି ଘରକୁ ବାହାରିଲା ବେଳକୁ ସଚ୍ଚିନ୍ଦ୍ର ଉପରୁ କିଏ ଡାକୁଛି ଭେଟିକି ଆସୁଛି ବୋଲି କହି ଯାଇଥିଲେ। କିନ୍ତୁ ଆଉ ଫେରିନଥିଲେ। ସ୍ତ୍ରୀ ଏବଂ ଝିଅ ଜଗି ଜଗି ଘରକୁ ଫେରିଲେ। ଶନିବାର ଦିନ ମଧ ଶାଶୁ, ଶଶୁର ଏବଂ ଗାଁ ଲୋକଙ୍କ ସହିତ ମିଶି ଖୋଜିବା ପରେ ମଧ କିଛି ସନ୍ଧାନ ମିଳି ନଥିଲା। ଏହି ସମୟରେ ଗାଁରେ ଯଜ୍ଞ ଚାଲିଥିବା ବେଳେ ସେ ଅଞ୍ଚଳରେ ମଧ ଖୋଜି ନିରାଶ ହୋଇଥିଲେ। ସଚ୍ଚିନ୍ଦ୍ର ଜଣେ ଭିନ୍ନକ୍ଷମ। ଶେଷରେ ସୋମବାର ସ୍ତ୍ରୀ ଆଲିମା ଥାନାରେ ଏତଲା ଦେବା ସହିତ ସହାୟତା ପାଇଁ ନିବେଦନ କରିଛନ୍ତି। ଜି.ଉଦୟଗିରି ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ୧୪ ଜଣିଆ ଟିମ୍ ଜଙ୍ଗଲକୁ ଯାଇ ଦୁଇଦିନ ହେଲା ଖୋଜାଖୋଜି କରୁଥିଲେ ମଧ ତାଙ୍କ ସନ୍ଧାନ ମିଳିନଥିବାବେଳେ ସଚ୍ଚିନ୍ଦ୍ରଙ୍କ ପଟେ ଚପଲ ଆଜି ମିଳିଛି। ଅନୁସନ୍ଧାନ ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଥିବା ବେଳେ ପରିବାର ଲୋକଙ୍କ ଆଖିରୁ ଲୁହ ଶୁଖୁନି।

**ଦୁଇ ଦିନ ହେଲା ଖୋଜୁଛି ପୁଲିସ୍**

# କାଗଜ କଲମରେ ଧରତୀ ଆବା ଯୋଜନା



ଟିକାବାଲି,୧୭।୨(ସମିସ)

ସରକାର ଆଦିବାସୀଙ୍କ ବିକାଶ ପାଇଁ "ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ' ଯୋଜନା କରି ଡିଣ୍ଡିମ ପିଟୁଥିବାବେଳେ ଟିକାବାଲି ଅଞ୍ଚଳରେ ଏହାର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ମୌଳିକ ସୁବିଧା ପାଇଁ ଆଜି ବି ଏଠାକାର ଲୋକେ ସଂଘର୍ଷ କରୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ରୋଜଗାର ଭଳି ପ୍ରତିଟି କ୍ଷେତ୍ରରେ ଅବ୍ୟବସ୍ଥା ଘେରରେ ରହିଛି ଏହି ଅଞ୍ଚଳ। ସରକାରୀ ଯୋଜନା କିପରି କେବଳ ପ୍ରଚାର ସର୍ବସ୍ୱ ହୋଇ ରହିଯାଇଛି, ତାହା ଟିକାବାଲିର ବିଭିନ୍ନ ଗାଁର ସ୍ଥିତିକୁ ଦେଖିଲେ ସ୍ପଷ୍ଟ ଜଣାପଡୁଛି। ଆଜିର ଡିଜିଟାଲ ଯୁଗରେ ମଧ ଟିକାବାଲିର ଅନେକ ଗ୍ରାମକୁ ଭଲ ରାସ୍ତାଟିଏ ନାହିଁ। ବର୍ଷା ଦିନେ ଯାତାୟତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଥିବା ବେଳେ ରୋଗୀଙ୍କୁ ଡାକ୍ତରଖାନା ନେବାକୁ କଷ୍ଟକର ହୋଇପଡୁଛି। ଉତ୍କର୍ଷ ଅଭିଯାନର ଲକ୍ଷ୍ୟ ଅନୁଯାୟୀ ପ୍ରତି ଗ୍ରାମକୁ ପକ୍କା ସଂଯୋଗୀକରଣ କାମ ଏଠି କାଗଜ କଲମରେ ଅଟକି ଯାଇଛି। ସରକାର ଡିଜିଟାଲ ଇଣ୍ଡିଆ କଥା କହୁଛନ୍ତି, କିନ୍ତୁ ଟିକାବାଲିର ଅନେକ ଗ୍ରାମରେ ନେଟୱାର୍କ ନାହିଁ।

ଯେଉଁଠାରେ ଟାୱାର ଅଛି, ସେଠାରେ ଇଣ୍ଟରନେଟ ସ୍ପିଡ୍ ଏତେ କମ୍ ଯେ ଗୋଟିଏ ସାଧାରଣ ପେଜ୍ ଖୋଲିବାକୁ ଘଣ୍ଟା ଘଣ୍ଟା ବଫରିଙ୍ଗ୍ ହେଉଛି। ଫଳରେ ଅଞ୍ଚଳର ଯୁବପିଢ଼ି ଓ ଛାତ୍ରଛାତ୍ରୀ ଅନଲାଇନ୍ ସେବା ଏବଂ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଅଞ୍ଚଳର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ବିଶେଷ କରି ଟିଆରଡବ୍ଲୁ ସ୍କୁଲ ଗୁଡ଼ିକରେ ଶିକ୍ଷକ ଅଭାବ ସହ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ସ୍କୁଲରେ ଭଲ ପାଇଖାନା, ରାତିରେ ପଢିବାକୁ ଭଲ ଲାଇଟ ବ୍ୟବସ୍ଥା, ଶୋଇବାକୁ ଉପଯୁକ୍ତ ସରଞ୍ଜାମ ଗଦି, ବେଡ୍‌ସିଟ, ମଶାରି, ଖରାଦିନରେ ଆବଶ୍ୟକୀୟ ଫ୍ୟାନ୍ ଭଳି ମୌଳିକ ସୁବିଧା ପାଇବାରେ ଛାତ୍ରଛାତ୍ରୀମାନେ ଅସଫଳ ହେଉଛନ୍ତି। ଯଦି ଶିକ୍ଷା ବ୍ୟବସ୍ଥା ଏମିତି ରହେ, ତେବେ ଜନଜାତୀୟ ବର୍ଗର ପିଲାମାନେ କିଭଳି ମୁଖ୍ୟ ସ୍ରୋତରେ ସାମିଲ ହେବେ, ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସବୁଠାରୁ ଦୁଃଖଦ ବିଷୟ ହେଉଛି ବୃଦ୍ଧି ପାଉଥିବା ବେକାରୀ ସମସ୍ୟା। ଟିକାବାଲି ଅଞ୍ଚଳର ଶିକ୍ଷିତ ଯୁବକ/ଯୁବତୀ ନିଜ ଅଞ୍ଚଳରେ ରୋଜଗାର ନପାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ସ୍ଥାନୀୟ ଅଞ୍ଚଳରେ କୌଣସି କାମରେ ଉଚିତ୍ ମଜୁରି ମିଳୁନଥିବା ବେଳେ ମିଳୁଥିବା ପାଉଣା ମଧ ସଠିକ୍ ସମୟରେ ପାଉନଥିବା ଅଭିଯୋଗ ହେଉଛି। ମନରେଗା ଭଳି ଯୋଜନା ମଧ ଏଠାରେ ଯୁବପିଢ଼ିଙ୍କୁ ଅଟକାଇବାରେ ବିଫଳ ହୋଇଛି। "ଧରତୀ ଆବା' ଅଭିଯାନର ସୁଫଳ ତୃଣମୂଳ ସ୍ତରରେ ପହଞ୍ଚୁ ନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେବଳ ଘୋଷଣା ନୁହେଁ, ବରଂ ପ୍ରଶାସନ ଟିକାବାଲିର ପ୍ରତିଟି ଗାଁକୁ ଯାଇ ସମସ୍ୟାର ସମାଧାନ କଲେ ହିଁ ଏହି ଅଭିଯାନର ପ୍ରକୃତ ସାର୍ଥକତା ରହିବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

**ଟିକାବାଲି ଅଞ୍ଚଳରେ ଅପହଞ୍ଚ ମୌଳିକ ସୁବିଧା**

## କାଳିମା ଗ୍ରାମବାସୀଙ୍କୁ ଡ଼ିବିରି ଆଲୁଅ ଭରସା



ଦାରିଙ୍ଗବାଡି,୧୭।୨(ସମିସ): ଦାରିଙ୍ଗବାଡି ବ୍ଲକ ସୋନପୁର ପଞ୍ଚାୟତରେ ରହିଛି କାଳିମା ଗ୍ରାମ। ଏହି ଗ୍ରାମରେ ୧୫ ପରିବାର ରହୁଥିବା ବେଳେ ଲୋକ ସଂଖ୍ୟା ପ୍ରାୟ ୫୦ରୁ ଉର୍ଦ୍ଧ୍ୱ। ଉକ୍ତ ଗାଁରେ ରାସ୍ତା ଓ ବିଦ୍ୟୁତ ଆଲୋକର ସମସ୍ୟା ଲାଗି ରହିଛି। ଗାଁକୁ ଯାତାୟତରେ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଗାଁକୁ ଯିବା ପାଇଁ ମଧ୍ୟ ଭଲ ରାସ୍ତା ନାହିଁ। ଲୋକେ ଖାଲଖମା ପାହାଡିଆ ରାସ୍ତା ଦେଇ ଗାଁକୁ ଯିବାଆସିବା କରୁଛନ୍ତି। ଗାଁ କୁ ଆମ୍ବୁଲାନ୍ସ ଯାଇପାରୁନାହିଁ। ଗାଁ ରେ ବିଦ୍ୟୁତ ଆଲୋକ ପହଞ୍ଚି ନଥିବା ଯୋଗୁଁ ଲୋକେ ଡିବିରି ଆଲୁଅ ଉପରେ ଭରସା କରୁଛନ୍ତି। ସନ୍ଧ୍ୟା ହେଲେ ତାଟି କବାଟ ପଡ଼ିଯାଉଛି। ଏଥି ସହିତ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଉକ୍ତ ସମସ୍ୟାର ସମାଧାନ ନେଇ ପ୍ରଶାସନ ନିକଟରେ ଅନେକ ବାର ଅଭିଯୋଗ ହୋଇଥିଲେ ସୁଦ୍ଧା ଫଳ ଶୂନ ରହିଛି। କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି ଗ୍ରାମବାସୀ।

### ରାତି ପାହିଲେ ମାଟ୍ରିକ୍ ପରୀକ୍ଷା

# ବୋର୍ଡ କର୍ତ୍ତୃପକ୍ଷଙ୍କ ଅବହେଳାରୁ ବଞ୍ଚିତ ହେବେ ଦିବ୍ୟାଙ୍ଗ ଗୌତମ

ସାନଖେମୁଣ୍ଡି,୧୭ ।୨(ସମିସ)



୧୯ ତାରିଖରେ ମାଟ୍ରିକ୍ ପରୀକ୍ଷା। ମାତ୍ର ବୋର୍ଡ କର୍ତ୍ତୃପକ୍ଷଙ୍କ ଅବହେଳାରୁ ପରୀକ୍ଷା ଦେବାରୁ ବଞ୍ଚିତ ହେବେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ହାଇସ୍କୁଲର ଦଶମ ଶ୍ରେଣୀରେ ପଢୁଥିବା ଦିବ୍ୟାଙ୍ଗ ଛାତ୍ର ଗୌତମ ମହାନ୍ତି। ଖଲିଙ୍ଗି ନୂଆସାହି ଭଗବାନ ମହାନ୍ତିଙ୍କ ପୁଅ ଗୌତମ ଜନ୍ମରୁ ଦିବ୍ୟାଙ୍ଗ। ଗୋ÷ତମ ୫୦ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିବାବେଳେ ଲେଖି ପାରୁନାହାନ୍ତି। ତାଙ୍କର ସରକାରୀ ସାର୍ଟିଫିକେଟ ମଧ୍ୟ ରହିଛି। ଏଭଳି ପରୀକ୍ଷାର୍ଥୀଙ୍କ ପାଇଁ ବୋର୍ଡ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ସେମାନଙ୍କ ପାଇଁ ଲେଖିବାକୁ ଜଣେ ସହାୟକ ନିଯୁକ୍ତ ହୋଇପାରିବେ। ମାତ୍ର ଦିନକ ପରେ ପରୀକ୍ଷା ଥିବାବେଳେ ବୋର୍ଡ କର୍ତ୍ତୃପକ୍ଷ ଏଯାଏ ସହାୟକ ନିଯୁକ୍ତି ନେଇ ଅନୁମତି ଦେଇନଥିବାରୁ ଏବେ ଗୋ÷ତମ ପରୀକ୍ଷାରୁ ବଞ୍ଚିତ ହେବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଏନେଇ ତାଙ୍କ ଅଭିଭାବକ ମଧ୍ୟ ଚିନ୍ତାରେ।

ବୋର୍ଡ ନିୟମ ଅନୁଯାୟୀ, ମାଟ୍ରିକ ବୋର୍ଡ ପରୀକ୍ଷା ଦେବା ପୂର୍ବରୁ ଯେଉଁ ବିଦ୍ୟାଳୟରେ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଥିବେ ବିଦ୍ୟାଳୟ କର୍ତ୍ତୃପକ୍ଷ ସେହି ଛାତ୍ରଛାତ୍ରୀଙ୍କ ପାଇଁ ଅନ୍ୟ ଜଣେ ନବମ ଶ୍ରେଣୀ ଛାତ୍ର ସ୍ଥିର କରି ବୋର୍ଡ କର୍ତ୍ତୃପକ୍ଷଙ୍କୁ ଜଣାଇବେ। ବୋର୍ଡ କର୍ତ୍ତୃପକ୍ଷ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ମିଳିଥିବା ସ୍ୱାସ୍ଥ୍ୟ ବିଭାଗର ସାର୍ଟିଫିକେଟ ଯାଞ୍ଚ କରି କେତେ ପ୍ରତିଶତ ଅକ୍ଷମ ଦେଖି ସେହି ନବମ ଶ୍ରେଣୀ ଛାତ୍ରକୁ ପରୀକ୍ଷାରେ ଲେଖିବାକୁ ଅନୁମତି ଦେବେ। ଏହାପରେ ହିଁ ଭିନ୍ନକ୍ଷମ ଛାତ୍ରଛାତ୍ରୀ ପାଇଁ ଲେଖିବାକୁ ମାଟ୍ରିକ ସେଣ୍ଟରକୁ ଛଡ଼ା ଯାଇପାରିବ। ଏନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି ବୋର୍ଡକୁ ଲେଖି ଦେଇଛୁ ଯାହା ବୋର୍ଡ ନିଷ୍ପତ୍ତି ନେବ, ଆମେ ଆମ କାମ କରିଦେଇଛୁ।

ଏ ନେଇ ଗୌତମଙ୍କ ଜେଜେବାପା କହିଛନ୍ତି, ସେ ଲେଖି ପାରୁନାହିଁ, ଲେଖିଲେ ମଧ୍ୟ କେହି ବୁଝିପାରିବେନି। ସ୍କୁଲକୁ ବାରମ୍ବାର କହିଛୁ ଅଭିଯୋଗ କରିଛୁ ଆଉ ଦୁଇ ଦିନ ରହିଲା ପରୀକ୍ଷା ଆମକୁ କିଏ ପରୀକ୍ଷାରେ ତା ପାଇଁ ଲେଖିବ ଜାଣିଲେ ଆମେ ଖୁସି ହେବୁ? ଅପରପକ୍ଷେ ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି ବୋର୍ଡକୁ ଜଣାଇଛୁ ତାଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛୁ। ଆସନ୍ତା ୧୯ ତାରିଖରେ ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଥିବାବେଳେ ଜିଲ୍ଲାରେ କେତେ ଜଣ ଭିନ୍ନକ୍ଷମ ପରୀକ୍ଷା ଦେଉଛନ୍ତି ସେମାନଙ୍କ ପାଇଁ କଣ ବ୍ୟବସ୍ଥା କରାଯାଇଛି ତାହା ଜିଲ୍ଲା ଶିକ୍ଷା ବିଭାଗ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଆକାଂକ୍ଷା ବ୍ଲକ ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଉଦ୍‌ଘାଟିତ



ତୁମୁଡିବନ୍ଧ,୧୭।୨(ସମିସ): ତୁମୁଡିବନ୍ଧ ବ୍ଲକ ସଭା ଗୃହରେ ମଙ୍ଗଳବାର ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଉଦଘାଟିତ ହୋଇଛି। କାର୍ଯ୍ୟକ୍ରମକୁ ବ୍ଲକ ଆକାଂକ୍ଷୀ ସହାୟକ ଉଦୟ ଖିଲାର ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବାସନ୍ତି ମାଝି, ସାମ୍ମାନୀତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ବିଡିଓ ବନବିହାରୀ ହରପାଲ, ସିଡିପିଓ ବନଜା ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡମ୍ବରୁ ଧର ସାହୁ, ଅତିରିକ୍ତ କୃଷି ଅଧିକାରୀ ସରୋଜ କୁମାର ଶତପଥୀ ଓ ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜକ ବାଦଲ କୁମାର ପ୍ରଧାନ ଯୋଗ ଦେଇଥିଲେ।

ନୀତି ଆୟୋଗର ମାନଦଣ୍ଡ ଅନୁସାରେ ତୁମୁଡିବନ୍ଧ ଆକାଂକ୍ଷାଭିମୁଖୀ ବ୍ଲକ ହୋଇଥିବାରୁ ୬ ମୁଖ୍ୟ କାର୍ଯ୍ୟଦକ୍ଷତା ସୂଚକ ମାନଦଣ୍ଡକୁ ଶତ ପ୍ରତିଶତ ପରିପୂର୍ଣ୍ଣତା କରିବା ଉପରେ ଉପସ୍ଥିତ ଥିବା ସମସ୍ତେ ଶପଥ ନେଇଥିଲେ। ସେଗୁଡ଼ିକ ହେଲା ଆଇସିଡିଏସ କାର୍ଯ୍ୟକ୍ରମ ଅଧୀନରେ ନିୟମିତ ଭାବରେ ପରିପୂରକ ପୁଷ୍ଟିସାର ନେଉଥିବା ୬ମାସରୁ ୬ବର୍ଷ ବୟସର ପିଲାମାନଙ୍କର ପ୍ରତିଶତ, ରିପୋର୍ଟିଂ ମାସରେ ଅଙ୍ଗନବାଡ଼ି କେନ୍ଦ୍ରରେ ନାମ ଲେଖାଇଥିବା ପିଲାମାନଙ୍କର ଦକ୍ଷତା ମାପନ ପ୍ରତିଶତ, ଶୌଚାଳୟ ସହିତ କାର୍ଯ୍ୟକ୍ଷମ ଅଙ୍ଗନବାଡ଼ି କେନ୍ଦ୍ରର ପ୍ରତିଶତ, ପାନୀୟ ଜଳ ସୁବିଧା ସହିତ କାର୍ଯ୍ୟକ୍ଷମ ଅଙ୍ଗନବାଡ଼ି କେନ୍ଦ୍ରର ପ୍ରତିଶତ, ମୋଟ ବିଦ୍ୟାଳୟ ତୁଳନାରେ ପର୍ଯ୍ୟାପ୍ତ ସଂଖ୍ୟକ ବାଳିକା ଶୌଚାଳୟ ସୁବିଧା ବିଦ୍ୟାଳୟର ପ୍ରତିଶତ ରହିଛି। ନୀତି ଆୟୋଗର ଏହି ସବୁ କାର୍ଯ୍ୟ ଦକ୍ଷତା ସୂଚକ ମାନଦଣ୍ଡ ଉପରେ ଆସନ୍ତା ଏପ୍ରିଲ ୧୫ତାରିଖ ସୁଦ୍ଧା ଶତ ପ୍ରତିଶତ କରିବାକୁ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଛି।

କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଆଇସିଡିଏସ ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ, ଶିକ୍ଷୟତ୍ରୀ, ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀ, ପ୍ରାଣୀ ସମ୍ପଦ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଆଇସିଡିଏସ ତରଫରୁ ପୁଷ୍ଟିକର ଖାଦ୍ୟ, ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନା କରାଯାଇଥିଲା।

## ସପ୍ତାହବ୍ୟାପୀ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ




ପାରଳାଖେମୁଣ୍ଡି, ୧୭ ।୨(ସମିସ): ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସହ ଏକକ(ଉଭୟ ପୁରୁଷ ଓ ମହିଳା) ପକ୍ଷରୁ ଅୟୋଜିତ ସପ୍ତାହବ୍ୟାପୀ ଶୀତସ୍ୱତନ୍ତ୍ର ଶିବିର ପୋଷ୍ୟଗ୍ରାମ କେରାଣ୍ଡିର ମହାଦେବ ମନ୍ଦିରର ପରିସରରେ ସୋମବାର ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରାଧାକାନ୍ତ ଭୂୟାଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ମହାବିଦ୍ୟାଳୟର ଆଇକ୍ୟୁଏସି ସଂଯୋଜକ ଡ.ବିଘ୍ନେଶ୍ୱର ମିଶ୍ର ଯୋଗଦେଇ ଶିବିରାର୍ଥିଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମ ଅଧିକାରୀ ଡ. ବିଦ୍ୟାଧର ସେଠୀ ସ୍ୱତନ୍ତ୍ର ଶିବିର ଆୟୋଜନର ଲକ୍ଷ୍ୟ ଓ ଆବଶ୍ୟକତା ସମ୍ପର୍କରେ ସ୍ୱେଚ୍ଛାସେବୀଙ୍କୁ ଅବଗତ କରାଇଥିଲେ। ଫେବୃଆରୀ ୨୨ ତାରିଖରେ ଉଦଯାପିତ ହେବାକୁଥିବା ଉକ୍ତ ଶିବିର ଅବସରରେ ସ୍ୱେଚ୍ଛାସେବୀଙ୍କଦ୍ୱାରା ପୋଷ୍ୟଗ୍ରାମ ଲୋକଙ୍କ ଅର୍ଥନୈତିକ, ଶୈକ୍ଷିକ, ଜୀବନ ଜୀବିକା ସମ୍ପର୍କରେ ସର୍ଭେ କରାଯିବା ସହ ବିଭିନ୍ନ ପ୍ରକାରର ସଚେତନତାମୂଳକ ପ୍ରଚାର କରାଯିବ ବୋଲି କାର୍ଯ୍ୟକ୍ରମ ଅଧିକାରୀ ସୂଚନା ଦେଇଛନ୍ତି।

## ସିଙ୍ଗିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବେଲଗୁଣ୍ଠା,୧୭ ।୨(ସମିସ): ଗାଙ୍ଗପୁର ଥାନା ଅନ୍ତର୍ଗତ ମୁନିଗାଡ଼ି ପଞ୍ଚାୟତ ସିଙ୍ଗିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏସଏମସି ସଭାନେତ୍ରୀ ରୋଜିତା ଗୌଡ଼ଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁନିଗାଡ଼ି ସରପଞ୍ଚ ସବିତା ସ୍ୱାଇଁ ଉଦଘାଟନ କରିଥିଲେ। ସମିତିସଭ୍ୟା ନମିତା ବିଷୋୟୀ ଓ ସମାଜସେବୀ ଅନ୍ତର୍ଯ୍ୟାମୀ ବିଷୋୟୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିବାକର ପଲାଇ ଓ ମୁଖ୍ୟବକ୍ତା ରୂପେ କାଳିଚରଣ ଗୌଡ଼, ସିଆରସିସି ବାଳକୃଷ୍ଣ ସାବତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ନାୟବ ସରପଞ୍ଚ ଲକ୍ଷ୍ମୀ ପ୍ରଧାନ ଓ ଗ୍ରାମ୍ୟ ଯୁବକ ସମାଜ ସଭାପତି ସଞ୍ଜୟ ପ୍ରଧାନ ଅତିଥି ରୂପେ ଯୋଗ ଦେଇଥିଲେ। ଶିକ୍ଷକ ପ୍ରଭାକର ବିଷୋୟୀ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୀତାଞ୍ଜଳି ଦାସ ଓ ଯାଜ୍ଞସେନୀ ପ୍ରଧାନ ନୃତ୍ୟ ସଂଗୀତ ସଂଯୋଜନା କରିଥିଲେ। ଗ୍ରାମର ଯୁବକ ରିତେଶ ଜେନା, ତ୍ରିଲୋଚନ ଜେନା ରଞ୍ଜିତ ଜେନା ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକଙ୍କ ପାଇଁ ସମ୍ମାନ ଓ ବିଚାର ବିନିମୟ କାର୍ଯ୍ୟକ୍ରମ



ବ୍ରହ୍ମପୁର,୧୭ ।୨(ସମିସ): ବ୍ରହ୍ମପୁର ମହାନଗର ନିଗମ ନୂତନ ସମ୍ମିଳନୀ କକ୍ଷରେ "ସମ୍ମାନ ଓ ବିଚାର ବିନିମୟ କାର୍ଯ୍ୟକ୍ରମ' ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡ୍ଡୀ, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ଆସିଷ୍ଟାଣ୍ଟ କମିଶନର ରୋନିତ କୁମାର, ପ୍ରାକ୍ତନ ଡେପୁଟି କମିଶନର ଆଦିତ୍ୟ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ସମସ୍ତ ବରିଷ୍ଠ ନାଗରିକଙ୍କ ସୁବିଧା ଅସୁବିଧା ବୁଝିବା ସହ ସ୍ନେହ ଓ ସମ୍ମାନ କରିବା ବୋଲି କହିଥିଲେ। "ବରିଷ୍ଠ ନାଗରିକ ଆମ ବରିଷ୍ଠ ସମ୍ବଳ' ସମ୍ପର୍କିତ ଆଲୋଚନା ଚକ୍ରମରେ ବରିଷ୍ଠ ନାଗରିକମାନେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଡ଼ ସଂଗୀତା ବାବୁ, ନମିତା ମହାପାତ୍ର ଓ ବିରୁପକ୍ଷ ଦାସ ଉପସ୍ଥିତ ଥିଲେ।

## ଶ୍ରୀରାଜ ହାଇସ୍କୁଲରେ ଜିଜ୍ଞାସା କାର୍ଯ୍ୟକ୍ରମ

ଧରାକୋଟ,୧୭ ।୨(ସମିସ): ଧରାକୋଟ ସ୍ଥିତ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟରେ ଅକାଂକ୍ଷୀ ପାଠ୍ୟକ୍ରମ ଅନ୍ତର୍ଗତ ଜିଜ୍ଞାସା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପାରମ୍ପରିକ ଖାଦ୍ୟର ପୌଷ୍ଟିକତା, ସନ୍ତୁଳିତ ଖାଦ୍ୟ ଥାଳି ଯାହାକି ଯୁବଗୋଷ୍ଠୀର ଉତ୍ତମ ଖାଦ୍ୟ ଉପରେ ଆଧାରିତ ତାହା ପ୍ରଦର୍ଶନ କରାଯାଇଥିଲା। ପ୍ରଧାନ ଶିକ୍ଷକ ତଥା ବିଇଓ ରମେଶ ଚନ୍ଦ୍ର ସାହୁ ଏହି ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ର ଛାତ୍ରୀ ଖାଦ୍ୟର ସ୍ୱାଦ ଓ ମାନ ପରୀକ୍ଷା କରିଥିଲେ। ଆଧୁନିକ ଯୁବ ଗୋଷ୍ଠୀକୁ ପାରମ୍ପରିକ ଖାଦ୍ୟ ପ୍ରତି ଆକୃଷ୍ଟ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଅଟେ। ପ୍ରକଳ୍ପ ସଂଯୋଜକ ବିଜ୍ଞାନ ଶିକ୍ଷକ ସୁନିଲ କୁମାର ସାହୁ ଏହି କାର୍ଯ୍ୟକ୍ରମର ମାର୍ଗ ଦର୍ଶନ କରିଥିବା ବେଳେ ଏଥିରେ ଏସଏମସି ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପୂର୍ବତନ ସରପଂଚ ଦିଲିପ ସ୍ୱାଇଁ, ବାପିନି ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ।

### ● ମା' ବାଙ୍କେଶ୍ୱରୀଙ୍କ ଦୋଳ ଯାତ୍ରା ପ୍ରସ୍ତୁତି

## ଚନ୍ଦ୍ର ଗ୍ରହଣ ଲାଗି ଦେବନୀତି ନିଷେଧ ରହିବ

ଦିଗପହଣ୍ଡି,୧୭ ।୨(ସମିସ): ସମଗ୍ର ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ମା' ବାଙ୍କେଶ୍ୱରୀଙ୍କ ଦୋଳଯାତ୍ରା ନିମନ୍ତେ ମଙ୍ଗଳବାର ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ବ୍ଲକ ବଡ଼ଡୁମ୍ବୁଳା ଗ୍ରାମ ସ୍ଥିତ ମା'ଙ୍କ ମନ୍ଦିର ପରିସରରେ ଆୟୋଜିତ ସଭାରେ ଯାତ୍ରା କମିଟି ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥଲେ। ଆସନ୍ତା ଫାଲଗୁନ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥି ମାର୍ଚ୍ଚ ୧ ତାରିଖ ରବିବାର ସନ୍ଧ୍ୟାରୁ ଚୈତ୍ର କୃଷ୍ଣପକ୍ଷ ପ୍ରତିପଦାତିଥି ୪ ତାରିଖ ବୁଧବାର ୪ ଦିନବ୍ୟାପୀ ଏହି ଯାତ୍ରା ମହୋତ୍ସବ ଧୁମ୍ ଧାମରେ କରାଯିବା ପାଇଁ ସଭାରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ୨ ତାରିଖ ସୋମବାର ଶୁକ୍ଳ ଚତୁର୍ଦ୍ଦଶୀ ତିଥି ବିଳମ୍ବିତ ରାତିରେ ମନ୍ଦିର ନିକଟ ବାଉଁଶ କୁଦରେ ରାଜାଗ୍ନି ହୋମ ପୂଜା କରାଯାଇ ମା'ଙ୍କୁ ଫୁଲମଣ୍ଡାରେ ବିଜେ କରାଯାଇ ବାଦ୍ୟ ବାଜଣା ସହକାରେ ମନ୍ଦିର ମଧ୍ୟକୁ ପାଛୋଟି ଅଣାଯିବ। ୩ ତାରିଖ ମଙ୍ଗଳବାର ପୂର୍ଣ୍ଣିମା ତିଥି ରେ କେତୁ ଗ୍ରସ୍ତୋଦୟ ଚନ୍ଦ୍ର ଗ୍ରହଣ ହେଉଥିବାରୁ ବିଶିଷ୍ଟ ଶାସ୍ତ୍ରବିତ୍ ପଣ୍ଡିତ ଅଶୋକ ପାଢ଼ୀଙ୍କ ପରାମର୍ଶ କ୍ରମେ ଭୋର ୬ ଟା ୪୭ ମିନଟରୁ ସନ୍ଧ୍ୟା ୬ ଟା ଯାଏଁ ମନ୍ଦିରର ମୁଖ୍ୟଦ୍ୱାର ବନ୍ଦ ରହିବା ସହ ଦେବନୀତି ନିଷେଧ ରହିବ। ଗ୍ରହଣ ମୋକ୍ଷ ହେବା ପରେ ସନ୍ଧ୍ୟା ୬ଟାରେ ମା'ଙ୍କ ମହାସ୍ନାନ କରାଯାଇ ସେବା ପୂଜା ନୀତି କାନ୍ତି ସରିବା ପରେ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିର ଦ୍ୱାର ଖୋଲାଯିବା ପାଇଁ ସଭାରେ ନିର୍ଦ୍ଧାରଣ କରାଯାଇଥିଲା। ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାପକ ପୁଲିସ ଓ ସ୍ୱେଚ୍ଛାସେବୀ ମାନଙ୍କୁ ମୁତୟନ କରାଯିବା ନିମନ୍ତେ ଆଲୋଚନା କରାଯାଇଥିଲା।

ଶ୍ରଦ୍ଧାଳୁ ମାନେ ଯେଭଳି ମା'ଙ୍କୁ ସୁବିଧାରେ ଦର୍ଶନ କରିପାରିବେ ସେନେଇ ବ୍ୟାରିକେଟ କରାଯିବା ସହ ଶୃଙ୍ଖଳିତ ଧାଡ଼ି ଦର୍ଶନ ପାଇଁ ଯାତ୍ରା କମିଟି ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯିବ। ସଭାରେ ଯାତ୍ରା କମିଟି ଉପସଭାପତି ତଥା ପୂର୍ବତନ ସରପଞ୍ଚ କେ.ସଞ୍ଜୀବ କୁମାର ରେଡ୍ଡୀ, ସମ୍ପାଦକ ତଥା ପୂର୍ବତନ ସରପଞ୍ଚ ଉପେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ସୁଦାମ ଦୋରା, ସହ କୋଷାଧ୍ୟକ୍ଷ ଭୀମସେନ ପ୍ରଧାନ, ଅଡିଟର ବଳରାମ ପ୍ରଧାନ, ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର, ବଡ଼ଡୁମ୍ବୁଳା ସରପଞ୍ଚ ଗୀତାଞ୍ଜଳୀ ଜାନି, ସମିତିସଭ୍ୟ ରମେଶ ଚନ୍ଦ୍ର ପାଢ଼ୀ, କାର୍ଯ୍ୟକର୍ତ୍ତା ସନ୍ତୋଷ କୁମାର ଜାନି, ହରିକୃଷ୍ଣ ପଟ୍ଟନାୟକ, ରମେଶ ଗୌଡ଼, ସୁବାସ ଗୌଡ଼, ଦୁର୍ଯ୍ୟୋଧନ ରେଡ୍ଡୀ, ରଙ୍କ ଗୌଡ଼, ପୂର୍ଣ୍ଣଚନ୍ଦ୍ର ପାତ୍ର, ସୀମାଞ୍ଚଳ ରେଡ୍ଡୀ, ତ୍ରିପତି ପାତ୍ର, ରଙ୍କ ନାୟକ, ଗୋପାଳ ଦାସ, କୃଷ୍ଣ ଗୌଡ଼, ରାଜେନ୍ଦ୍ର ପାତ୍ର, ଭଗବାନ ସାହୁ, ସୁରେନ୍ଦ୍ର ଗୌଡ଼, ସନ୍ତୋଷ ବେହେରା, ରବୀନ୍ଦ୍ର ପ୍ରଧାନ, କୃତ୍ତିବାସ ପ୍ରଧାନ, କେ.ଦେବରାଜଙ୍କ ସମେତ କରପଡ଼ା, ବଡ଼ଡୁମ୍ବୁଳା, ବି. ତୁରୁବୁଡ଼ି, ଗୋକର୍ଣ୍ଣପୁର, ବାସୁଦେବପୁର, କଇଠଡ଼ା, ପଦ୍ମନାଭପୁର, ଜକର, ବମକେଇ ପ୍ରଭୃତି ପଞ୍ଚାୟତ ଅଧିନ ଗାଁ ମାନଙ୍କରୁ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

କୋଦଳା,୧୭ ।୨(ସମିସ): କୋଦଳା ସ୍ଥିତ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀଙ୍କ ନିମନ୍ତେ ଆମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ କୋଦଳା ଥାନା ନିରୀକ୍ଷକ ରାମଚନ୍ଦ୍ର ମିଶ୍ର ଓ ସମ୍ମାନନୀୟ ଅତିଥି ଭାବେ ସହାୟକ ଅଗ୍ନିଶମ ଅଧିକାରୀ, ଅନିଲ ବେହେରା ଯୋଗଦେଇ ଛାତ୍ରୀଙ୍କ ସୁରକ୍ଷା ସମ୍ପର୍କେ ସଚେତନତା କରାଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ମୁଦୁଲି ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଛାତ୍ରୀଙ୍କ ସୁରକ୍ଷାରେ ସହାୟକ ହେବ କହିଥିଲେ। ଅନ୍ୟତମ ଅତିଥି ମଧ୍ୟରେ ପ୍ରଶାସନିକ ଅଧିକାରୀ ରଞ୍ଜୁବାଳା ନନ୍ଦ, ଏକାଡେମିକ ବର୍ଷର ବିନୋଦ କୁମାର ମିଶ୍ର, ଅନ୍ତର୍ନିହିତ ଗୁଣାବଳୀବର୍ଦ୍ଧକ ସଂଯୋଜକ ସପନ କୁମାର ଦାଶ ଓ ପ୍ରଶିକ୍ଷିକା ଭାରତୀ ଗୌଡ଼ ଯୋଗଦେଇ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସଂଯୋଜିକା ଅପରାଜିତା ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗଣିତ ବିଭାଗର ଅଧ୍ୟାପିକା ପ୍ରିୟଦର୍ଶିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଶ୍ରମ ବିଦ୍ୟାଳୟର ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ କାମ ନିମ୍ନମାନର ଅଭିଯୋଗ

# ପଟୁ ମିଶା ବାଲି ଓ ମେଟାଲରେ ପଡୁଛି ଫାଉଣ୍ଡେସନ

ଫିରିଙ୍ଗିଆ,୧୭।୨(ସମିସ)



ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାର ବିକାଶ ପାଇଁ ସରକାରଙ୍କ ଆଦିବାସୀ ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ନିର୍ମାଣ କାର୍ଯ୍ୟ କରାଯାଉଛି। ମାତ୍ର କିଛି ବିଭାଗୀୟ ଅଧିକାରୀ ଓ ବିଭାଗ ଦ୍ୱାରା ଟେଣ୍ଡର ପାଇ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାସଂସ୍ଥାର ମନମୁଖୀ କାର୍ଯ୍ୟ ଓ ଲାଭଖୋର ମନୋବୃତ୍ତି ଯୋଗୁ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏପରି କାମର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

ଏଭଳି ଏକ ନିମ୍ନମାନର ଗୃହ କାମ ଫିରିଙ୍ଗିଆ ବ୍ଲକ କେଳାପଡା ପଞ୍ଚାୟତ ପିପଲପଦା ଆଶ୍ରମ ବିଦ୍ୟାଳୟ ପରିସରରେ ହେଉଥିବା ଦେଖିବାକୁ ମିଳିଛି। ପିପଲପଦା ଗାଁରେ ରହିଛି ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଏକ ଆଶ୍ରମ ବିଦ୍ୟାଳୟ। ବିଦ୍ୟାଳୟ ବର୍ତ୍ତମାନ ମଧ୍ୟ ଅତି ଶୋଚନୀୟ ଅବସ୍ଥାରେ ଚାଲିଥିବା ବେଳେ ପରିସରରେ କାର୍ଯ୍ୟରତ କର୍ମଚାରୀଙ୍କ ରହିବାରୁ କୌଣସି କ୍ୱାର୍ଟର୍ସ ନାହିଁ। ଫଳରେ କର୍ମଚାରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରିଚାଳନା କମିଟି ଓ ଅଞ୍ଚଳବାସୀଙ୍କ ବାରମ୍ବାର ଅଭିଯୋଗ ପରେ ଫୁଲବାଣୀ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଉଛି ସୁଉଚ୍ଚ ଷ୍ଟାଫ କ୍ୱାର୍ଟର୍ସ। ଶଙ୍କରାଖୋଲ ଅଞ୍ଚଳର ଯତୀନ କୁମାର ସାହୁ ନାମକ ଜଣେ ଠିକାଦାର କାମ କରୁଥିବା ବେଳେ କାମ ଆରମ୍ଭରୁ ହିଁ ନିମ୍ନମାନର କାମ ନେଇ ଅଭିଯୋଗ ହେଉଛି। କାମ ଆରମ୍ଭରୁ ସରକାରୀ ବିଧି ବ୍ୟବସ୍ଥା ଅନୁଯାୟୀ କାମ ହେଉଥିବା ଜାଗାରେ ନାମ ଫଳକ ଲାଗିବା କଥା। କିନ୍ତୁ କୌଣସି ନାମ ଫଳକ ନିର୍ମାଣ ନକରି କାମ ଆରମ୍ଭ କରାଯାଇଛି। ଏହି ବିଲଡିଂ କାମ ପାଇଁ ଫାଉଣ୍ଡେସନ କାମ ଆରମ୍ଭ ହୋଇଛି। ହେଲେ ଠିକାଦାର ରହୁ ନଥିବା, ବାହାର ରାଜ୍ୟର ମିସ୍ତ୍ରି ଦ୍ୱାରା କାମ କରାଯାଉଥିବାବେଳେ ପାଖଆଖରେ ଥିବା ନାଳ କିମ୍ବା ବିଲମାଳରୁ ପଟୁ ମାଟି ଆଣି ବ୍ୟବହାର କରାଯାଉଛି। ଏହି କାମରେ ବ୍ୟବହାର ହେଉଛି ଅତି ନିମ୍ନ ମାନରେ ମେଟାଲ ଯାହାକି ବିଲଡିଂର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପଶ୍ଚିମବଙ୍ଗର କିଛି ବଙ୍ଗାଳିମିସ୍ତ୍ରିଙ୍କୁ

### ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ; ବିଭାଗୀୟ ଅଧିକାରୀଙ୍କୁ ଦାୟୀ କଲେ ଅଞ୍ଚଳବାସୀ



ନିର୍ମାଣ କାମରେ ଲଗାଯାଇଛି। ବିଲଡିଂର ଫାଉଣ୍ଡେସନ କାମରେ ପାଣି ଦିଆଯାଉନାହିଁ। ନିର୍ମାଣ ହୋଇଥିବ ଫାଉଣ୍ଡେସନରେ ସିମେଣ୍ଟ ଦେଖାଯାଉନି। କେବଳ ଦେଖା ଯାଉଛି ପଟୁବାଲି। ହାତ ମାରିଦେଲେ ବାହାରିପଡୁଛି ଶୁଖିଲା ବାଲି ଓ ସିମେଣ୍ଟ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ଠିକାଦାର ଯତୀନ ସାହୁଙ୍କୁ ପଚାରିବାରୁ କାମ ଠିକଠାକ ଚାଲିଛି। କୌଣସି ଅସୁବିଧା ନାହିଁ ବୋଲି କହିଛନ୍ତି। ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଛୋଟରାୟେ ମାଝୀଙ୍କୁ ପଚାରିବାରୁ ନିର୍ମାଣ ସ୍ଥଳକୁ ଯାଇ ତଦନ୍ତ କରାଯିବ ବୋଲି କହିଥିବା ବେଳେ ଆଦିବାସୀ ଉନ୍ନୟନ ବିଭାଗର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ରଙ୍କୁ ପଚାରିବାରୁ ନିମ୍ନମାନର କାମ ହେଉଥିଲେ ତଦନ୍ତ ହେବ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ନିମ୍ନ ମାନର କାମ ଉପରେ ବିଭାଗୀୟ ଅଧିକାରୀ ଧ୍ୟାନ ଦେଉ ନଥିବା ଏବଂ ତଦାରଖ କରୁନଥିବାରୁ ଏଭଳି କାମ ହେଉଥିବା ଅଭିଯୋଗ ହେଉଛି। ନିମ୍ନମାନର କାମ କରୁଥିବା ସମ୍ପୃକ୍ତ ଠିକାଦାରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ଆବଶ୍ୟକ ପଡିଲେ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିବେ ବୋଲି ଗ୍ରାମବାସୀ କହିଛନ୍ତି।

